# ସଦର ଅଞ୍ଚଳରେ ମହାଶିବରାତ୍ରୀ



ବରୁଆଁ,୧୬।୨(ସମିସ): ଯାଜପୁର ବ୍ଲକ୍ ଅଞ୍ଚଳର ପ୍ରତ୍ୟେକ ଶିବ ମନ୍ଦିରରେ ମହାଶିବରାତ୍ରୀ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ସଦର ଅଞ୍ଚଳର ସର୍ବ ପୁରାତନ ରୁଦ୍ରପୁର ପଞ୍ଚାୟତ ନୁଣ୍ଡପୁର ସ୍ଥିତ ବାବା ଲୋକନାଥଙ୍କ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାତି ୩ଟାରେ ପହଡ଼ ଖୋଲାଯାଇ ମହାସ୍ନାନ, ବଡ଼ସିଂହାର ବେଶ, ଷୋଡ଼ଶ ଉପଚାର ପୂଜା, ହୋମ, ସକାଳ ଧୂପ, ନୀତି ପରେ ସାଧାରଣ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ରୁଦ୍ରାଭିଷେକ ମହାଯଜ୍ଞ, ମହାସ୍ନାନ ପରେ ପ୍ରଭୁଙ୍କର ବଡ଼ସିଂହାର ବେଶ କରାଯାଇ ରାତି ୪ଟାରେ ମହାଦୀପ ଉଠିଥିଲା। ମନ୍ଦିରର ପୂଜକ ଭିକାରୀ ଚରଣ ଦାଶ, ବିରଞ୍ଚି ନାରାୟଣ ପାଢ଼ୀ, ଚନ୍ଦ୍ରଶେଖର ପାଢ଼ୀ, ସୁବ୍ରତ ପାଢୀଙ୍କ ସମେତ ସମସ୍ତ ସେବାୟତ ଉପସ୍ଥିତ ଥିଲେ। ପ୍ରଭୁଙ୍କର ଜାଗର ଯାତ୍ରା ଓ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ କରିବା ପାଇଁ ମନ୍ଦିର ପରିଚାଳନା କମିଟିର ଅନନ୍ତ କିଶୋର ରାଉତ୍, ଶରତ ଚନ୍ଦ୍ର ପାଢ଼ୀ, ଅମର ପାଢ଼ୀ,ସୁନାକର ରାଉତ୍, ବିରଞ୍ଚି ନାରାୟଣ ମହାନ୍ତି ସୂଚାରୁ ରୂପେ ସମ୍ପାଦନା କରିଥିଲେ। ବାବା ଲୋକନାଥଙ୍କ ଦର୍ଶନ ଓ କୃପା ଭିକ୍ଷା କରିବାକୁ ଆଖ ପାଖ ଅଞ୍ଚଳରୁ ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ରହ୍ମବରଦା ଥାନା ପକ୍ଷରୁ ବ୍ୟାପକ ପୁଲିସ ମୁତୟନ ହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି ବରୁଆଁର ବାବା ଧବଳେଶ୍ୱର, ମଧୁକେଶ୍ୱର୍, କବିର ପୁରର ଭୂତନାଥ, ପୁରୁଷୋତ୍ତମପୁରର ଆନନ୍ଦେଶ୍ୱର, ମହେଶ୍ୱରପୁରର ବାବା ମୁକ୍ତେଶ୍ୱର ଆଦି ପ୍ରତ୍ୟେକ ଶିବ ମନ୍ଦିରରେ ପ୍ରତ୍ୟୁଷରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଯାଜପୁର,୧୬।୨(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୦୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୩ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୯ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଭ୍ୟ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରସୁଲପୁର ସତ୍ୟାନନ୍ଦ ଦାଶ, ତହସିଲଦାର ସିଦ୍ଧାର୍ଥ କୁମାର ବେହେରା ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

**ବାହାରପାଳରେ ଶିକ୍ଷାଦାନ ବିପର୍ଯ୍ୟସ୍ତ**

# ୬ଟି ଶ୍ରେଣୀକୁ ୨ ଟି ଶ୍ରେଣୀଗୃହ

ସିଂହପୁର,୧୬।୨(ସମିସ)




ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ବାହାରପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟ ଅତିଦୟନୀୟ ଅବସ୍ଥାରେ ଚାଲିଛି। ୧୯୫୪ ମସିହାରେ ସ୍ଥାପିତ ହେଇଥିଲା ଏହି ବିଦ୍ୟାଳୟ। ଦୀର୍ଘ ୭୨ ବର୍ଷର ବିଦ୍ୟାଳୟଟି ଆଜି ବିଭିନ୍ନ କ୍ଷେତ୍ରରେ ଅବହେଳିତ ହୋଇ ରହିଛି।

୬ଟି ଶ୍ରେଣୀରେ ୧୧୮ ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ମାତ୍ର ଦୁଇଟି ଶ୍ରେଣୀ ଗୃହ। ଦୁଇଟି ଗୃହରୁ ପୁଣି ଗୋଟିଏ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବର୍ଷା ହେଲେ ଗୃହରେ ବର୍ଷା ହେବା ସହିତ ଛାତରୁ ପ୍ଲାଷ୍ଟର ଖସୁଛି। ଫଳରେ ବର୍ଷା ହେଲେ ୬ ଟି ଶ୍ରେଣୀର ପିଲା ଗୋଟିଏ ଗୃହ ରେ ଆଶ୍ରୟ ନିଅନ୍ତି। ପାଠ ପଢ଼ା ଏକ ପ୍ରକାର ଠପ୍ ହୋଇଯାଏ। ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ସହିତ ୨ଜଣ ଶିକ୍ଷୟିତ୍ରୀରେ ଚାଲିଛି ୬ ଟି ଶ୍ରେଣୀ। ଏ ପରିସ୍ଥିତିରେ କେମିତି ପାଠପଢା ହେଉଥିବ ଏଥିରୁ ଅନୁମେୟ। ରୋଷେଇ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବର୍ଷା ହେଲେ ଗୃହରେ ପାଣି ଗଳୁଛି। ଫଳରେ ବର୍ଷା ହେଲେ ରୋଷେଇ ପ୍ରସ୍ତୁତି କରିବାକୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଦ୍ୟାଳୟକୁ ପାଇପି ପାଣି ସଂଯୋଗ ହୋଇନାହିଁ। ଯାହାଦ୍ୱାରା ଅଭିଭାବକ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଛାତ୍ରୀଙ୍କ ପାଇଁ ମହିଳା ଶୌଚାଳୟ ନାହିଁ। ଫଳରେ ଛାତ୍ରୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ବିଦ୍ୟାଳୟକୁ ଅଧିକ ଜଣେ ଶିକ୍ଷକ, ୨ଟି ଶ୍ରେଣୀ ଗୃହ, ରୋଷେଇ ଗୃହ ଓ ଛାତ୍ରୀମାନଙ୍କ ପାଇଁ ଶୌଚାଳୟ ନିର୍ମାଣ କରିବାକୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଦାବି କରିଛନ୍ତି।

# ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ମଙ୍ଗଳପୁର,୧୬।୨(ସମିସ): ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତ ସାଧୁଗୌରେଶ୍ୱର କଲିଜିଏଟ ବିଦ୍ୟାଳୟ ଠାରେ ମଧୁପୁର ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ଦଶରଥପୁର ବ୍ଲକର ତୃତୀୟ ପ୍ରବୋଧନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିଲ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ କୁମାର ମଲ୍ଲିକ ଯୋଗଦେଇ ପ୍ରଶିକ୍ଷଣ ଶିବିରଟିକୁ ଉଦ୍‌ଘାଟନ କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଦଶରଥପୁର ବ୍ଲକ ସହ ଶିକ୍ଷାଧିକାରୀ ନୃସିଂହ ଚରଣ ମହାନ୍ତି, ବିଆର୍‌ସିସି ଅଜିତ କୁମାର ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକ ପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଜନ୍ମେଞ୍ଜୟ ନାୟକ, ବିଶ୍ୱରଞ୍ଜନ ପୃଷ୍ଟି ଓ ଦୀପକ ଦେବତା ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ଆଞ୍ଚଳିକ ସାଧନ କେନ୍ଦ୍ରରୁ ପ୍ରାୟ ୧୦୫ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ। ସାଧନ କେନ୍ଦ୍ର ସଂଯୋଜକ ଅଶୋକ କୁମାର ସାହୁ, ସୁମନ୍ତ କୁମାର ମହାପାତ୍ର, କନିକାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବ୍ରତ କୁମାର ସୁତାରଙ୍କ ସମେତ ଦୁଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ସସ୍ମିତା



ବ୍ରହ୍ମବରଦା,୧୬।୨(ସମିସ): ଆଜିର ଏଆଇ ଯୁଗରେ ଲୋକେ ପାଠ ପଢି ଚାକିରି କରି ବେଶ ଦୁଇଟଙ୍କା ରୋଜଗାର କରିବା ପଛରେ ଦୌଡ଼ୁଥିବା ବେଳେ ବ୍ରହ୍ମବରଦା ଅଞ୍ଚଳରେ ଚାଷ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସସ୍ମିତ ବେହେରା। ଶ୍ରୀମତୀ ବେହେରା ଜଣେ ଗୃହିଣୀ ହେଲେବି ସେ କୌଣସି ଗୁଣରେ କମ ନୁହଁନ୍ତି। ସେ କମ୍ପ୍ୟୁଟର ଚାଳନା କ୍ଷେତ୍ରରେ ହେଉ ଅବା ପରିବାର ସୁପରିଚାଳନା କ୍ଷେତ୍ରରେ ହେଉ କିମ୍ବା ଚାଷ କ୍ଷେତ୍ରରେ ହେଉ; କେଉଁ ଗୁଣରେ କମ ନୁହନ୍ତି। ଶ୍ରୀମତୀ ବେହେରା କଳାରେ ସ୍ନାତକ ହସଲ କରିବା ପରେ କମ୍ପ୍ୟୁଟରେ ଶିକ୍ଷା ଗ୍ରହଣ କରିଥିଲେ। ବିବାହ ପରେ ସ୍ୱାମୀ ବିଶ୍ୱଜିତ ବେହେରାଙ୍କ ଗ୍ରହକ ସେବା କେନ୍ଦ୍ରରେ ସାହାଯ୍ୟ ମଧ କରନ୍ତି। କିନ୍ତୁ ସେ ଚାଷୀ ପରିବାରରୁ ଆସିଥିବାରୁ ଚାଷପ୍ରତି ତାଙ୍କର ଦୁର୍ବଳତା ରହିଆସିଥିଲା। ସ୍ୱାମୀଙ୍କୁ ବ୍ୟବସାୟରେ ସହଯୋଗ କରିବା ସହିତ ନିଜ ବାଡ଼ିରେ ନାନା ପ୍ରକାରର ଚାଷ କରି ଫଳାଇ ପାରିଛନ୍ତି। ନିଜ ବାଡ଼ିରେ ବିନା ରାସାୟନିକ ସାର ପ୍ରୟୋଗରେ ଭଳିକି ଭଳି ପରିବା ଚାଷ କରିଥିବା ସେ କୁହନ୍ତି। ରଙ୍ଗିନ୍ ଫୁଲକୋବି, ପତ୍ରକୋବି, ଗାଜର, ବିନ୍ସ, ବାଇଗଣ, ବିଲାତି, ଶିମ୍ବ, ମଟର ଛୁଇଁ, ସଜନା ଛୁଇଁ, କଦଳୀ, ବରକୋଳି, ଆଳୁ, ସାରୁ, ମକା, ରଶୁଣ, ହଳଦୀ, ଧଣିଆପତ୍ର, ପୋଦିନାପତ୍ର, କୋଶଳା ଶାଗ, ଲେଉଟିଆ ଶାଗ ଚାଷ କରିଛନ୍ତି। ଯୁଗ ଗୋଷ୍ଠୀଙ୍କ ପାଇଁ ସେ ଉଦାହରଣ ସାଜିଛନ୍ତି। ସବୁଠାରୁ ବଡ଼ କଥା କୌଣସି ରାସାୟନିକ ସାର ପ୍ରୟୋଗ ନକରି ନିଜେ ପାଳନ କରିଥିବା ଦୁଇଗୋଟି ଦେଶୀ ଗାଈର ଗୋବର ନିଜ ଚାଷଜମିରେ ବ୍ୟବହାର କରିଥିବା ଶ୍ରୀମତୀ ବେହେରା କୁହନ୍ତି। ଗାଈର ଦୁଗ୍ଧକୁ ନିକଟସ୍ଥ ଦୁଗ୍ଧକେନ୍ଦ୍ରର ବିକ୍ରି କରି ବେଶ ଦୁଇପଇଶା ରୋଜଗାର କରିପାରିଛନ୍ତି। ଉତ୍ପାଦିତ ଦ୍ରବ୍ୟକୁ ନିଜେ ବ୍ୟବହାର କରିବା ସହିତ ଅବଶିଷ୍ଟ ଦ୍ରବ୍ୟକୁ ନିକଟସ୍ଥ ପରିବା ବ୍ୟବସାୟୀଙ୍କୁ ବିକ୍ରୟ କରି ବେଶ ଦୁଇଟଙ୍କା ରୋଜଗାର କରି ପରିବାର ପ୍ରତିପୋଷଣ କରିବାରେ ସ୍ୱାମୀଙ୍କୁ ସହଯୋଗ କରୁଛନ୍ତି।

# ଅନନ୍ତ ମହାରଣାଙ୍କୁ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର



ବଡଚଣା,୧୬।୨(ସମିସ): ଚଣ୍ଡିଖୋଲ ନିକଟସ୍ଥ ସୁଭଦ୍ରାପୁର ଗ୍ରାମର ଯୁବ ପ୍ରସ୍ତର ଶିଳ୍ପୀ ଅନନ୍ତ ମହାରଣାଙ୍କୁ ୨୦୨୩ବର୍ଷ ପାଇଁ ରାଜ୍ୟ ହସ୍ତତନ୍ତ ବୟନ ଓ ଶିଳ୍ପ ବିଭାଗ ପକ୍ଷରୁ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱର ସ୍ଥିତ ଜନତା ମଇଦାନ ଠାରେ ଆୟୋଜିତ ତୋଷାଳୀ ଜାତୀୟ ପ୍ରଦର୍ଶନୀ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶ୍ରୀ ମହାରଣାଙ୍କୁ ଏକ ଲକ୍ଷ ଟଙ୍କା, ଟ୍ରଫି, ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସମବାୟ, ହସ୍ତତନ୍ତ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସମେତ ବିଭାଗୀୟ ସଚିବ ଗୁହା ପୁନମ ତାପସ କୁମାର ଓ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ସାହାଣ ପଥରରେ ନିର୍ମିତ ଅନନ୍ତ ନାରାୟଣ ମୂର୍ତ୍ତି ନିର୍ମାଣ କରି ଶ୍ରୀ ମହାରଣା ଏହି ପୁରସ୍କାର ଲାଭ କରିଛନ୍ତି। ତାଙ୍କ ହସ୍ତ ନିର୍ମିତ ବହୁ ପ୍ରସ୍ତର ମୂର୍ତ୍ତୀ ଭାରତ, ଇଂଲଣ୍ଡ, ଜାପାନ, ଇଣ୍ଡୋନେସିଆ, ଭୁଟାନ ଦକ୍ଷିଣ ଆଫ୍ରିକା ଜର୍ମାନୀ ଆଦି ଦେଶରେ ଉଚ୍ଚ ପ୍ରଶଂସିତ ହୋଇଛି। ଏଥିପାଇଁ ତାଙ୍କୁ ବହୁ ଜାତୀୟ, ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରା ଯାଇଛି। ତାଙ୍କର ଏହି ସଫଳତା ପାଇଁ ସେ ନିଜର ଗୁରୁ ଭରତ ମହାରଣା ଓ ମହେଶ୍ୱର ଓଝା ସମେତ ବିଭାଗୀୟ ଅଧିକାରୀ ମାନଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି।

# ଆମ୍ବମୂଳ କ୍ରିକେଟ୍; ରାଜେନ୍ଦ୍ରପୁର ଚାମ୍ପିଅନ

ଧର୍ମଶାଳା,୧୬।୨(ସମିସ): ଜାରକା ମହୋତ୍ସବ ପଡ଼ିଆରେ ୬ଷ୍ଠତମ ଏକଦିବସୀୟ ଆମ୍ବମୂଳ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଜିଲ୍ଲାର ୮ ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ନିର୍ଦ୍ଧାରିତ ୫ ଓଭର ଖେଳରେ ରାଜେନ୍ଦ୍ରପୁରର ସାଇନ ଇଲେଭେନ୍ ଟିମ ଭୁବନ କ୍ଲବକୁ ୩ ୱିକେଟ ପରାସ୍ତ କରି ଚଳିତ ବର୍ଷ ପାଇଁ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଉଦ୍‌ଯାପନୀ ଉତ୍ସବରେ ଧର୍ମଶାଳା ପ୍ରେସ୍ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସମାଜସେବୀ ଚିତ୍ତରଞ୍ଜନ ଦାସ ଓ ଆଡ୍‌ଭୋକେଟ ନରୋତ୍ତମ ପଣ୍ଡା ଅତିଥିଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ବିତରଣ କରିଥିଲେ। ଏହି ମ୍ୟାଚରେ ମିଳନ ଶତପଥୀ, ଆଶିଷ କୁମାର, ତଥାସ୍ତୁ ଶତପଥୀ ଓ ତଥାଗତ ଶତପଥି ଖେଳକୁ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଜ୍ୟୋତିପ୍ରକାଶ ପାଳ, ପିନାକୀ ପଟ୍ଟନାୟକ, ଅଭିଷେକ ପ୍ରିୟଦର୍ଶନ ସମେତ ଆମ୍ବମୂଳ କ୍ରିକେଟ୍ ଟିମ୍‌ର ସମସ୍ତ ସଦସ୍ୟ ପରିଚାଳନାରେ ସହାୟତା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଭୁବନ କ୍ଲବ, ରାଜେନ୍ଦ୍ର ପୁର, ଯାଜପୁର ଟାଉନ, କୋଟପୁର, କୁମାରୀ ଧର୍ମଶାଳା, ଚାନ୍ଦପୁର ଓ ଆୟୋଜକ ଆମ୍ବମୂଳ କ୍ରିକେଟ ଟିମ ଅଂଶଗ୍ରହଣ କରିଥିଲେ।



# ଫକୀର ମୋହନ ଜୟନ୍ତୀ ସମାରୋହ ଉଦ୍‌ଯାପିତ




ବ୍ୟାସନଗର,୧୬।୨(ସମିସ): ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ରାଛିପୁର ସ୍ଥିତ ଯୁଝପଦା ଉଚ୍ଚ ବିଦ୍ୟାଳୟରେ ମାସେ ବ୍ୟାପୀ ଚାଲିଥିବା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଶିକ୍ଷକ ପମା ମାର୍ଣ୍ଡି ଓ ଅଶୋକ ସାହୁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପ୍ରଧାନ ଶିକ୍ଷକ ଡ.ରାଜୀବ ଲୋଚନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଉଦ୍‌ଘାଟକ ଭାବେ ବରିଷ୍ଠ ସାମ୍ବାଦିକ ଡ. ଚିନ୍ତାମଣି ପାଢ଼ୀ, ମୁଖ୍ୟଅତିଥି ଭାବେ ଗାଳ୍ପିକ ଇଂ.ନନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟା ସଂଯୁକ୍ତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧରେ ଫକୀର ମୋହନଙ୍କ ବିଭିନ୍ନ ଗଳ୍ପର ଚରିତ୍ର ଗୁଡିକର ଏକକ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ଆକାଂକ୍ଷା ସାହୁ ପ୍ରଥମ, ହରପ୍ରିୟା ସହୁ ଦ୍ୱିତୀୟ ଓ କୀର୍ତ୍ତିସୁନ୍ଦର ନାଥ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଛାତ୍ରଛାତ୍ରୀଙ୍କ ସହ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମଧୁମିତା ଦାସ, ସୋନାଲିକା ନାଥ ଫକୀର ମୋହନଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷକ ବିକାଶ ସିଂ ଚୌଧୁରୀ, ରଙ୍ଗଲତା କର, ସବିତା ଦେହୁରୀ ବକ୍ତବ୍ୟ ରଖିଥିଲେ। ଅଭିଜିତ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରାଜେଶ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଦେବସ୍ମିତା ସହୁ ଓ ବସନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୂଚନା ଅଧିକାର କର୍ମୀଙ୍କୁ ଆର୍ଥିକ ଶୋଷଣ

କବାଟବନ୍ଧ,୧୬।୨(ସମିସ)

ଧର୍ମଶାଳା ବ୍ଲକରେ ବିଭିନ୍ନ ଯୋଜନାରେ ହୋଇଥିବା ଅନିୟମିତତା ଏବଂ ଦୁର୍ନୀତି ସମ୍ପର୍କରେ ତଥ୍ୟ ଲୁଚାଇବାକୁ ଭିନ୍ନ ଧରଣର ତରିକା ଆପଣାଇଛନ୍ତି ଧର୍ମଶାଳା ବ୍ଲକ ଜନସୂଚନା ଅଧିକାରୀ। ସୂଚନା ଅଧିକାର କର୍ମୀଙ୍କୁ ଭ୍ରମିତ କରିବା ଏବଂ ଆର୍ଥିକ ଶୋଷଣ କରୁଥିବା ଭଳି ସଙ୍ଗୀନ ଅଭିଯୋଗ ମଧ ହେଉଛି। ଯାହାକୁ ନେଇ ସାଧାରଣରେ ପ୍ରବଳ ନିନ୍ଦା କରାଯାଇଛି। ବ୍ଲକରେ ବିଭିନ୍ନ ଅଫିସରମାନଙ୍କ ଦ୍ୱାରା ହୋଇଥିବା ଦୁର୍ନୀତି ଏବଂ ଅନିୟମିତତାକୁ ଲୁଚାଇବା ପାଇଁ ବ୍ଲକ ଜନ ସୂଚନା ଅଧିକାରୀ କଳେ ବଳେ କୌଶଳେ ତଥ୍ୟ ନ ଦେବା ପାଇଁ ଉଦ୍ୟମ କରିବା ସହିତ ଏହିଭଳି ଭାବରେ ପନ୍ଥା ଅବଲମ୍ବନ କରୁଛନ୍ତି। ସୂଚନା ଅଧିକାର ଆଇନରେ ତଥ୍ୟ ଦେବା ପାଇଁ ଆବଶ୍ୟକ ଠାରୁ ଯଥେଷ୍ଟ ଅଧିକ ପରିମାଣର ଅର୍ଥ ଦାବି କରୁଛନ୍ତି। ଫଳରେ ଆବେଦନକାରୀ ଅଧିକ ଟଙ୍କା ଖର୍ଚ୍ଚ କରିବା ପାଇଁ କାଳେ ଇଚ୍ଛା ପ୍ରକାଶ ନ କରିବେ ଫଳରେ ତଥ୍ୟ ଦେବାକୁ ପଡ଼ିବ ନାହିଁ ଏଭଳି ମନ୍ଦ ଉଦ୍ଦେଶ୍ୟ ରଖି ଅଧିକ ଅର୍ଥ ଦାବି କରୁଛନ୍ତି। ଯାହାକି ସୂଚନା ଅଧିକାର ଆଇନର ବାଟବଣା କରାଯାଉଛି।

ଅଭିଯୋଗ ଅନୁସାରେ ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ଅନ୍ୟାନ୍ୟ ତଥ୍ୟ ପାଇଁ ସୂଚନା ଅଧିକାର କର୍ମୀ ବସନ୍ତ କୁମାର ମଲ୍ଲିକ ଗତ ୧୧-୧୧-୨୦୨୫ ରେ ଧର୍ମଶାଳା ବ୍ଲକକୁ ବିଭିନ୍ନ ତଥ୍ୟ ମାଗିଥିଲେ। ଆବେଦନକାରୀଙ୍କୁ ତଥ୍ୟ ଦେବା ପାଇଁ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସରସ୍ୱତୀ ସାହୁଙ୍କ ଚିଠି ନମ୍ବର ୧୦୫ ତା ୬-୧-୨୦୨୬ ଡାକ ଖର୍ଚ୍ଚ ଏବଂ ନକଲ ପ୍ରଦାନ ନିମନ୍ତେ ୩ ଶହ ଟଙ୍କା ୭ ଦିନ ମଧ୍ୟରେ ଜମା କରିବା ପାଇଁ କହିଥିଲେ। ସମ୍ପ୍ରସାରଣ ଅଧିକାରିଣୀଙ୍କ ପତ୍ର ସଂଖ୍ୟା ୧୦୫ରେ ଡାକ ଖର୍ଚ୍ଚ ବାବଦକୁ ୧୬୦ ଟଙ୍କା ଏବଂ ୭୦ ପୃଷ୍ଠାର ତଥ୍ୟ ତଥା ନକଲ ପାଇଁ ପ୍ରତି ପୃଷ୍ଠା ପ୍ରତି ୨ ଟଙ୍କା ଲେଖାଏଁ ହିସାବରେ ୧୪୦ ଟଙ୍କା ଜମା କରିବା ପାଇଁ ଚିଠିରେ ଉଲ୍ଲେଖଥିଲା। ଆବେଦନକାରୀ ମଧ ନିର୍ଦ୍ଧାରିତ ସମୟ ମଧ୍ୟରେ ତା ୯-୧-୨୦୨୬ ତାରିଖରେ ଇଲେକ୍ଟ୍ରୋନିକ୍ସ ମନୀ ଅର୍ଡର (ପିଏନ୍‌ଆର୍) ନମ୍ବର ୧୦୬୫୩୫୫୮୪୯ରେ ଟଙ୍କା ଜମା କରିଥିଲେ। ଏହା ପରେ ଧର୍ମଶାଳା ବ୍ଲକ ପକ୍ଷରୁ ମାତ୍ର ୪୫ ପୃଷ୍ଠାର ତଥ୍ୟ ଆବେଦନକାରୀଙ୍କୁ ପଠାଇଥିଲେ। ଏହା ପରେ ମଧ ଧର୍ମଶାଳା ବ୍ଲକ ଜନ ସୂଚନା ଅଧିକାରୀ ତଥା ଏବିଡିଓ ଚିଠି ନମ୍ବର ୪୧୩ରେ ଆବେଦନକାରୀଙ୍କୁ ୭୮ ପୃଷ୍ଠାର ସୂଚନା ପଠାଇଥିବା ଚିଠି ଲେଖିଛନ୍ତି। ତେବେ ଜନ ସୂଚନା ଅଧିକାରୀଙ୍କ ଏମିତି ଭ୍ରମିତ କାର୍ଯ୍ୟକୁ ନେଇ ବିଭିନ୍ନ ଆଶଙ୍କା କରିବା ସହିତ ଦୁଃଖ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଆବେଦନକାରୀ ଚାହିଁ ନ ଥିବା କିଛି ଅନାବଶ୍ୟକ ତଥ୍ୟ ମଧ ପଠାଯାଇଛି। ଯାହାକି ଆବେଦନକାରୀଙ୍କୁ ବୁଝିବାକୁ ଅସୁବିଧା ସୃଷ୍ଟି ହୋଇଛି। ତେବେ ସୂଚନା ଅଧିକାର ଅଧିକାରୀ ଏଭଳି କେଉଁ ଉଦ୍ଦେଶ୍ୟ ରଖି ଏହା କରିଛନ୍ତି ଏବଂ ଆର୍ଥିକ ଶୋଷଣ କରୁଛନ୍ତି ତାହା ବଡ଼ ପ୍ରଶ୍ନ ସହ ସନ୍ଦେହ ସୃଷ୍ଟି କରିଛି। ଡାକ ଖର୍ଚ୍ଚ ବାବଦକୁ ୧୬୦ ଟଙ୍କା ନେଇଥିବା ବେଳେ ପଠାଇଥିବା ଡାକ ପାର୍ସଲ ସ୍ପିଡ୍ ପୋଷ୍ଟ ନମ୍ବର ଇଓ-୫୫୧୮୫୫୦୪୭ ଆଇଏନ ଏବଂ ଏହା ୩୮୦ ଗ୍ରାମ ଏବଂ ୭୦ ଟଙ୍କା ବୋଲି ଉଲ୍ଲେଖ ରହିଛି। ବ୍ଲକ ଜନ ସୂଚନା ଅଧିକାରୀ ସୂଚନା ଅଧିକାର କର୍ମୀଙ୍କୁ ଆର୍ଥିକ ଶୋଷଣ କରୁଥିବା ସ୍ପଷ୍ଟ ହୋଇଛି। ଆର୍ଥିକ ଶୋଷଣର ଶିକାର ହୋଇଥିବା ଆବେଦନକାରୀ ତଥା ସୂଚନା ଅଧିକାର କର୍ମୀ ଶ୍ରୀ ମଲ୍ଲିକ ଏହାର ବିରୋଧରେ ଅପିଲ କରିବା ସହିତ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି।


# ରାଜ୍ୟସ୍ତରୀୟ ଡିୟୁ ଫ୍ରେଣ୍ଡସ୍ କପ୍ କ୍ରିକେଟ୍

ବଡ଼ଚଣା,୧୬।୨(ସମିସ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ଖେଳପଡିଆରେ ଚଣ୍ଡିଖୋଲ ଫ୍ରେଣ୍ଡସ ସ୍ପୋର୍ଟସ ଆଣ୍ଡ କଲ୍‌ଚରାଲ ଆସୋସିଏସନ୍ ଆନୁକୂଲ୍ୟରେ ଆରମ୍ଭ ହୋଇ ଥିବା ୧୧ତମ ରାଜ୍ୟସ୍ତରୀୟ ଡିୟୁ ଫ୍ରେଣ୍ଡସ କପ୍ ଆଜିର ଫାଇନାଲ ଖେଳରେ ଭଦ୍ରକର ୟୁନିକ୍ ଏକାଡେମୀ ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରି ବାଲେଶ୍ୱରର ୟୁଆଣ୍ଡ ମି ନିର୍ଦ୍ଧାରିତ ୨୫ ଓଭରରେ ୮ୱିକେଟ ହରାଇ ୧୯୧ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରଶ୍ମି ରଞ୍ଜନ ମହାକୁଡ ୧୦୪ ରନ୍ କରିଥଲେ। ୧୯୨ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ୟୁନିକ୍ ଏକାଡେମୀ ଭଦ୍ରକ ୧୮.୩ଟି ବଲ୍‌ରେ ୫ ୱିକେଟ୍ ହରାଇ ୧୯୬ରନ୍ ସଂଗ୍ରହ କରି ଚାମ୍ପିଅନ ହେଇଥିଲା। ଦଳ ପକ୍ଷରୁ ବିଭୂତି ମଲ୍ଲିକ ୬୩ରନ୍ ସଂଗ୍ରହ କରିଥିଲେ। କ୍ଲବ୍‌ର ସଭାପତି ଦେବ ରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱ ଓ କୀର୍ତ୍ତିରାଜ୍ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାଶ୍ ଚନ୍ଦ୍ର ନନ୍ଦ, ଡିୟୁ ପବ୍ଲିକ ସ୍କୁଲ୍‌ର ନିର୍ଦ୍ଦେଶକ ଡ. ବିଶ୍ୱଜିତ୍ ମହାପାତ୍ର, ସୁଙ୍ଗୁଡା ସରପଞ୍ଚ ଅଞ୍ଜୁଳତା ସ୍ୱାଇଁ, ଆଇନଜୀବୀ ଦେବରାଜ ବେହେରା, ପୂର୍ବତନ ସଭାପତି ଶ୍ରୀପତି ଜେନା ଓ ପ୍ରଶାନ୍ତ କୁମାର ଜେନା, ସନ୍ତୋଷ କୁମାର ରାଉତ୍, ନୃସିଂହ ନାରାୟଣ ଓତା, ବିମଳ ପ୍ରସନ୍ନ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ଶେଷରେ ପ୍ରମୋଦ କୁମାର ଜେନା ଧନ୍ୟବାଦ ଅର୍ପନ କରିଥିଲେ। ଆଜିର ଖେଳକୁ ଇନ୍ତେକାମ୍ ଆଲାମ୍, ଅଶ୍ୱଜିତ୍ ରାଉତ ପରିଚାଳନ କରିଥିଲେ। ମୁସ୍ତାକ ଅଲ୍ଲି ଖାଁ ଓ ଭୀମସେନ ସିଂହ ଧାରାବିବରଣୀ ପ୍ରଦାନ କରିଥିଲେ।



## ଲକ୍ଷ୍ମୀ ହସ୍ପିଟାଲରେ ନାବାଳିକା ଗର୍ଭପାତ ମାମଲା

# ଅଭିଯୁକ୍ତ ସହ ହସ୍ପିଟାଲ ମାଲିକ ଗିରଫ



ବ୍ୟାସନଗର, ୧୬।୨(ସମିସ)

ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଲକ୍ଷ୍ମୀ ହସ୍ପିଟାଲରେ ହୋଇଥିବା ବେଆଇନ ନାବାଳିକା ଗର୍ଭପାତ ମାମଲାରେ ବଡ କାର୍ଯ୍ୟାନୁଷ୍ଠାନ ହୋଇଛି। ଘଟଣାର ଅଭିଯୁକ୍ତ ସହିତ ହସ୍ପିଟାଲର ମାଲିକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ କୋପଣ୍ଡ ଗ୍ରାମର ପଦ୍ମନାଭ ଶତପଥୀ (୭୦) ଏବଂ ଲକ୍ଷ୍ମୀ ହସ୍ପିଟାଲ ମାଲିକ ମନୋଜ କୁମାର ନାୟକ।

ସୂଚନା ମୁତାବକ ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ କୋପଣ୍ଡ ମହନ୍ତ ସାହିରେ ଭଦ୍ରକ ଜିଲ୍ଲାର ଜନୈକ ନାବାଳିକା ଏବଂ ତାଙ୍କ ପିତା ଏକ ଭଡ଼ା ଘରେ ରହୁଥିଲେ। ସମ୍ପୃକ୍ତ ନାବାଳିକାର ପିତା ଦିନ ମଜୁରିଆ ହୋଇଥିବା ବେଳେ ସମ୍ପୃକ୍ତ ନାବାଳିକା ନିକଟରେ ରହୁଥିବା କୋପଣ୍ଡ ଗ୍ରାମର ପଦ୍ମନାଭ ଶତପଥୀ (୭୦)ଙ୍କ ଘରେ ଛୋଟ ମୋଟ କାର୍ଯ୍ୟ କରିଥାଏ। ଅଭିଯୁକ୍ତ ପଦ୍ମନାଭଙ୍କ ଘରେ ଅନ୍ୟ କେହି ନ ଥିବାର ସୁଯୋଗ ନେଇ ସେ ସମ୍ପୃକ୍ତ ନାବାଳିକା ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲା। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ନାବାଳିକାର ପେଟ କାଟିବାରୁ ଅଭିଯୁକ୍ତ ପଦ୍ମନାଭ ତାକୁ ସ୍ଥାନୀୟ ଲକ୍ଷ୍ମୀ ହସ୍ପିଟାଲ ନେଇ ସେଠାରେ ତାର ଗର୍ଭପାତ କରାଇଥିଲା। ତେବେ ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇବା ସହିତ ସ୍ଥାନୀୟ ଅଞ୍ଚଳର ମହିଳାମାନେ ଏନେଇ ଲକ୍ଷ୍ମୀ ହସ୍ପିଟାଲ ମାଲିକଙ୍କୁ ଘେରିଥିଲେ। ଏଭଳି ବେଆଇନ କାର୍ଯ୍ୟ ନେଇ ପଚାରିବାରୁ ସେ ସମ୍ପୃକ୍ତ ମହିଳାମାନଙ୍କୁ ଅସଭ୍ୟ ଭାଷାରେ ଗାଳି ଦେବା ସହିତ ଧମକ୍ ମଧ୍ୟ ଦେଇଥିଲେ। ଫଳରେ ସମ୍ପୃକ୍ତ ମହିଳାମାନେ ଥାନାରେ ଏନେଇ ଅଭିଯୋଗ ମଧ୍ୟ କରିଛନ୍ତି। ତେବେ ନାବାଳିକାର ପିତାର ଅଭିଯୋଗ ଆଧାରରେ ଯାଜପୁର ରୋଡ୍ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଘଟଣାରେ ମୁଖ୍ୟ ଅଭିଯୁକ୍ତ ପଦ୍ମନାଭ ଶତପଥୀ ଏବଂ ଲକ୍ଷ୍ମୀ ହସ୍ପିଟାଲ ମାଲିକ ମନୋଜ କୁମାର ନାୟକଙ୍କୁ ଗିରଫ କରି ଆଜି ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ପୁଲିସ ତଦନ୍ତକୁ ଅଗ୍ରସର କରିଥିବା ବେଳେ ସୋମବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ମେଡିକାଲ ଅଧିକାରୀଙ୍କ କାର୍ଯ୍ୟାଳୟର ଏଡିଏମ୍ଓ ତଥା ଇନ୍ସପେକ୍ଟିଂ ଅଥରିଟି କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଡ. ମନୋଜ କୁମାର ସେନାପତି, ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ତାପସ ମହାପାତ୍ର, ଯାଜପୁର ରୋଡ୍ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଏବଂ ତାଙ୍କ ଟିମ୍ ଲକ୍ଷ୍ମୀ ହସ୍ପିଟାଲରେ ପହଞ୍ଚି ପ୍ରାୟ ୧ ଘଣ୍ଟା ଧରି ଛାନ୍‌ଭିନ୍ କରିଥିଲେ। ଛାନ୍‌ଭିନ୍ ସମୟରେ ମେଡିକାଲ କର୍ତ୍ତୃପକ୍ଷ ଅନେକ ରେଜିଷ୍ଟର ଏବଂ ତଥ୍ୟ ତଦନ୍ତକାରୀ ଅଧିକାରୀଙ୍କୁ ଦେଉନଥିବା ଦେଖିବାକୁ ମିଳିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରାୟ ୧୧ ବର୍ଷ ଧରି ଏଠାରେ ହସ୍ପିଟାଲ ଚାଲିଥିବା ବେଳେ ଏଠାରେ ସିସିଟିଭି କ୍ୟାମେରା ଲାଗିନାହିଁ। ନର୍ସ ଏବଂ ମେଡିକାଲ କର୍ମଚାରୀଙ୍କ ଦୈନନ୍ଦିନ ରେଜିଷ୍ଟର ନାହିଁ। କର୍ମଚାରୀଙ୍କ ଦରମା ରେଜିଷ୍ଟର ନାହିଁ। କେଉଁ ଡାକ୍ତର କେଉଁ ସମୟରେ କେଉଁ ଦିନ ଆସୁଛନ୍ତି ସେନେଇ କୌଣସି ସୂଚନା ନାହିଁ। କେବଳ ଓପିଡି ରେଜିଷ୍ଟରରେ ର..ଥ...ରେ କାମ ଚଳୁଥିବା ବେଳେ ଆର୍‌ପିଡି ରେଜିଷ୍ଟର ନାହିଁ। ଏପରିକି କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ ଅନୁଯାୟୀ ଅନେକ ଆନୁଷଙ୍ଗିକ କାଗଜପତ୍ର ବିନା ଏହି ହସ୍ପିଟାଲ ଚାଲୁଥିବା ଜଣାପଡ଼ିଥିଲା। ତେବେ ଆଜି ଠାରୁ ଏଠାରେ କେହି ନୂଆ ରୋଗୀ ଭର୍ତ୍ତି ହୋଇପାରିବେ ନାହିଁ ଏବଂ ଏଠାରେ ରହିଥିବା ସମସ୍ତ ରୋଗୀଙ୍କୁ ଡିସଚାର୍ଜ କରିବା ପରେ ୨୦ ତାରିଖରୁ ଏହାକୁ ସିଲ୍ କରାଯାଇପାରେ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି। ତେବେ ଏହାରି ମଧ୍ୟରେ ଏତେ ଦିନ ଧରି କିପରି ଏହି ହସ୍ପିଟାଲ ବେଆଇନ ଭାବେ ଚାଲୁଥିଲା ତାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଏହା ପଛରେ ପ୍ରଭାବଶାଳୀ ଲୋକଙ୍କ ସହଯୋଗ ରହିଥିବା ମଧ୍ୟ ଆଲୋଚନା ହେଉଛି। ତେବେ ହସ୍ପିଟାଲ ମାଲିକଙ୍କୁ ଖସାଇ ଦେବାକୁ ଗତକାଲିଠାରୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। ତେବେ ଆଜି ଉଭୟ ଅଭିଯୁକ୍ତଙ୍କୁ ବିଭିନ୍ନ ଧାରାରେ କୋର୍ଟଚାଲାଣ କରାଯିବା ପରେ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଯାଇଛି। ଅନ୍ୟପଟେ ସେହି ନାବାଳିକା ପୀଡ଼ିତାର ପତ୍ତା ମିଳିପାରିନାହିଁ। ଏ ସମ୍ପର୍କରେ ପୁଲିସ କୌଣସି ମୁହଁ ଫିଟାଉନଥିବା ବେଳେ ଉଭୟ ଶିଶୁ ଓ ମା'ଙ୍କୁ ନେଇ ନାନା କଥା ଶୁଣିବାକୁ ମିଳୁଛି।

- ତଦନ୍ତ କଲା ଜିଲ୍ଲା ମେଡିକାଲ ଟିମ୍
- ୨୦ରେ ମେଡିକାଲରେ ପଡ଼ିବ ତାଲା
- ଆର୍‌ପିଡି ରେଜିଷ୍ଟର ନାହିଁ, ସିସିଟିଭି ନାହିଁ
- ପୀଡ଼ିତାର ପତ୍ତା ମିଳୁନି!



## ଫାଣ୍ଡି ନିକଟରୁ ଝାମ୍ପିନେଲେ ସୁନାଚେନ୍

**ଧର୍ମଶାଳା, ୧୬।୨(ସମିସ):** ଧର୍ମଶାଳା ଥାନା ଅଧୀନ ଜାରକା ପୁଲିସ ବିଟ୍‌ହାଉସ ନିକଟରୁ ଜଣେ ବ୍ୟକ୍ତିଙ୍କ ବେକରୁ ଲକ୍ଷାଧିକ ଟଙ୍କାର ସୁନାଚେନ୍ ଦୁଇ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଝାମ୍ପି ନେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ବୈରୀ ଥାନା ଅନ୍ତର୍ଗତ ଛତିଆ ଅଞ୍ଚଳର ଅନିଲ କୁମାର ସିଂହ ଏବଂ ତାଙ୍କ ପତ୍ନୀ ଏକ ସ୍କର୍ପିଓ ଗାଡ଼ି ଯୋଗେ ନିଜ ବନ୍ଧୁ ଘରକୁ ଯାଉଥିଲେ। ଯିବା ବାଟରେ ଜାରକା ବଜାର ଫାଣ୍ଡି ନିକଟରେ ଥିବା ଏକ ମିଠା ଦୋକାନକୁ ଯାଇ କିଛି ଜିନିଷ କିଣି ଫେରୁଥିବା ବେଳେ ଏକ ପଲ୍ସର୍‌ରେ ଦୁଇ ଦୁର୍ବୃତ୍ତ ଆସି ଅନିଲଙ୍କ ବେକରୁ ସୁନା ଚେନଟିକୁ ଝାମ୍ପି ନେଇ ଦ୍ରୁତ ଗତିରେ ଚାଲି ଯାଇଥିଲେ। ଅନିଲ ତୁରନ୍ତ ନିକଟସ୍ଥ ଫାଣ୍ଡିକୁ ଯାଇ ସିସିଟିଭି ଦେଖିବାକୁ କହିଥିବା ବେଳେ ଫାଣ୍ଡିରେ ଲାଗିଥିବା ସିସିଟିଭିଟି କାମ କରୁନଥିବା ଜାଣିବାକୁ ପାଇଥିଲେ। ଧର୍ମଶାଳା ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ଚେନ୍‌ଟି ୧୨ଗ୍ରାମରୁ ଅଧିକ ଓଜନ ଥିବା ଜଣାପଡ଼ିଛି। ପୁଲିସ ୬୭/୨୬ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି। ତେବେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପୁଲିସ କାର୍ଯ୍ୟ ଉପରେ ପ୍ରଶ୍ନ ଉଠିଛି। ଫାଣ୍ଡି ଅଧିକାରୀ ବିଜୟ କୁମାର ବେହେରାଙ୍କୁ ପଚାରିବାରୁ ଆଜି ସିସିଟିଭି ଖରାପ ହୋଇଥିବା କହିଛନ୍ତି। ଅନ୍ୟ ପକ୍ଷରେ ଧର୍ମଶାଳା ଥାନାରେ ପୁଲିସ ଗାଡ଼ି ମାଳମାଳ ଥିବା ବେଳେ ପାଟ୍ରୋଲିଂର ଅଭାବ ଥିବା ଲୋକେ ଅଭିଯୋଗ କରିଛନ୍ତି। ନିକଟରେ ୧୬ ନମ୍ବର ଜାତୀୟ ରାଜପଥ ଥିବାବେଳେ କୌଣସି ସମୟରେ ପୁଲିସର ଚେକିଂ ଦେଖିବାକୁ ମିଳୁନାହିଁ। ଦୈନନ୍ଦିନ ଚୋରି, ଲୁଟ୍ ଭଳି ଘଟଣା ଘଟୁଥିବା ବେଳେ ପୁଲିସ ଏହାକୁ ରୋକିବାରେ ବିଫଳ ବୋଲି ଅଭିଯୋଗ ହୋଇଛି। ଲୋକେ ବଜାରକୁ ଆସିବାକୁ ସୁରକ୍ଷିତ ମନୁନଥିବ କହିଛନ୍ତି।

## ଦୁର୍ଘଟଣାରେ ଗୁରୁତର ବ୍ୟବସାୟୀଙ୍କ ମୃତ୍ୟୁ

**ଦଶରଥପୁର, ୧୬।୨(ସମିସ):** ମହାଶିବରାତ୍ରି ଉପଲକ୍ଷେ ଜାଗର ଜାଳିବାକୁ ମନ୍ଦିର ଯିବା ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ଜଣେ ବ୍ୟବସାୟୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ଦୁଃଖଦ ମୃତ୍ୟୁ ହୋଇଛି। ସୂଚନା ମୁତାବକ ଦଶରଥପୁର ବ୍ଲକ ଅଞ୍ଚଳର ଅନ୍ୟତମ ପ୍ରମୁଖ ବ୍ୟବସାୟ ସ୍ଥଳି ଝୁମ୍ପୁରୀ ବଜାରରେ ବହି ଦୋକାନ କରିଥିବା ଦଶରଥପୁର ଥାନାଞ୍ଚଳ ପଟଣା ଗ୍ରାମର ପଞ୍ଚାନନ ପୃଷ୍ଟି (୭୮) ମହାଶିବରାତ୍ରି ଦିନ ମଧ୍ୟାହ୍ନରେ ସାଇକଲରେ ନିକଟସ୍ଥ ଆମୁରେଇ ପୀଠରେ ଥିବା ଧବଳେଶ୍ୱର ମହାଦେବଙ୍କ ନିକଟରେ ଜାଗର ଜାଳିବାକୁ ଯାଉଥିବା ରାସ୍ତାରେ ଏକ ବାଇକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତ୍ୱର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଆଜି ଚିକିତ୍ସାଧୀନ ଅବସ୍ଥାରେ ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ଜଣାପଡ଼ିବା ପରେ ସମଗ୍ର ଝୁମ୍ପୁରୀ ବଜାର ସମେତ ତାଙ୍କ ଗାଁ ପଟଣାରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ସମ୍ମାନରେ ଆଜି ଝୁମ୍ପୁରୀ ବଜାରକୁ ବନ୍ଦ ରଖାଯାଇଥିଲା। ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ବିଜେଡ଼ି ଜିଲ୍ଲା ସଭାପତ ସରୋଜ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟା ମନସ୍ୱିନୀ ଦାସ, ବିଷ୍ଣୁ ଚରଣ ବେହେରା, ଚନ୍ଦ୍ରଶେଖର ସାହୁ, ସମାଜସେବୀ ମହେଶ୍ୱର ସାହୁ, ପିତାମ୍ବର ଦାସ, ରବୀନ୍ଦ୍ର ପୃଷ୍ଟି, ବିଶ୍ୱଜିତ ନାୟକ, ସତ୍ୟରଞ୍ଜନ ଓଝା, ସାମ୍ବାଦିକ କୌଶିକ ଦାସ, ଉମାକାନ୍ତ ଧଳ, ଅକ୍ଷୟ ଦାସ, ଯତୀନ୍ଦ୍ର ନାଥ କର ପ୍ରମୁଖ ତାଙ୍କ ମୃତ୍ୟୁରେ ଗଭୀର ଶୋକବ୍ୟକ୍ତ କରିଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ଚନ୍ଦ୍ରଶେଖର ପୃଷ୍ଟି ମୁଖାଗ୍ନି ଦେଇଥିଲେ। ଜିଲ୍ଲା ପ୍ରଶାସନ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବା ସହ ଦଶରଥପୁର ଥାନା କର୍ତ୍ତୃପକ୍ଷ ଦ୍ରୁତ ଗତିରେ ଗାଡି ଚାଳନା କରୁଥିବା ଚାଳକଙ୍କ ଉପରେ ଅଙ୍କୁଶ ଲଗାଇବାକୁ ସାଧାରଣରେ ଦାବୀ ହୋଇଛି।

## ରୋଗୀଙ୍କୁ ଅଧାରୁ ଓହ୍ଲାଇ ଦେଲେ

## ବାଇକ୍ ଭିଡ଼ି ନେଲା ଫାଇନାନ୍ସ କମ୍ପାନୀ

**ଦଶରଥପୁର, ୧୬।୨(ସମିସ):** ସୁପ୍ରିମକୋର୍ଟ ନିର୍ଦ୍ଦେଶ କହୁଛି କୌଣସି ଋଣଧାରୀମାନଙ୍କୁ ଜୋର ଜବରଦସ୍ତି ଆଦାୟ କିମ୍ବା ଅସମ୍ମାନିତ କରିପାରିବେ ନାହିଁ ଋଣ ଦେଇଥିବା ସଂସ୍ଥା। ମାତ୍ର ବାଜାଜ ଫାଇନାନ୍ସ କ୍ଷେତ୍ରରେ ବ୍ୟତିକ୍ରମ ଘଟିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ମଙ୍ଗଳପୁର ଥାନା ପାଳଟପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ଉପେନ୍ଦ୍ର ରାଉତଙ୍କ ପୁଅ ବିକାଶ ରାଉତ ତାଙ୍କ ସ୍ତ୍ରୀ ମିନାକ୍ଷୀ ରାଉତଙ୍କ ଦେହ ଅସୁସ୍ଥ ଥିବାରୁ ବାଇକ୍‌ରେ ଯାଜପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଉଥାଇଥିଲେ। ବାଟରେ ଦିହୁଡିସାହି ଠାରେ ରୋଗୀଙ୍କୁ ବାଇକରୁ ଓଲ୍‌ହାଇ ଦେଇ ଗାଡ଼ି ନେଇଯାଇଥିଲେ ବାଜାଜ ଫାଇନାନ୍ସ କମ୍ପାନୀ। ମେଡିକାଲ କାଗଜପତ୍ର ଦେଖେଇ କାକୁତି ମିନତୀ ହୋଇ ଗୁହାରୀ କରିଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରିନଥିଲେ। ରୋଗୀ ଜଣଙ୍କୁ ରାସ୍ତାରେ ଛାଡ଼ି ଦେଇ ବାଇକ୍ ନେଇଯାଇଥିଲେ ଫାଇନାନ୍ସ କର୍ମଚାରୀ। କର୍ମଚାରୀ ସଞ୍ଜୟ ସାମଲ, ଦୀନବନ୍ଧୁ ସେଠୀ, ଲୋଚନ ଦାଶଙ୍କୁ ମେଡିକାଲ କାଗଜପତ୍ର ଦେଖାଇ କାକୁତି ମିନତୀ ହୋଇଥିଲେ ମଧ୍ୟ ଶୁଣିନଥିଲେ। ଏହାଛଡା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାକୁ ମଧ୍ୟ ପଚାଇନଥିଲେ। ସେଠାରୁ ଅନ୍ୟ ଏକ ଗାଡ଼ିରେ ମେଡିକାଲ ଯାଇ ଚିକିତ୍ସା ହେବା ପରେ ଏଥିନେଇ ବିକାଶ କୁମାର ରାଉତ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଙ୍ଗଳପୁର ପୁଲିସ ଅଭିଯୋଗର ତଦନ୍ତ କରି ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ୩୬/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏ ବିଷୟରେ ଫାଇନାନ୍ସ କର୍ମଚାରୀ ସଞ୍ଜୟ ସାମଲଙ୍କୁ ପଚାରିବାରେ ଋଣ ବକେୟା ରହିଥିବାରୁ ଗାଡ଼ି ଟଣାଯାଇଛି ବୋଲି କହିଥିଲେ।

## ପରିବେଶବିତ୍ ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ

**କୁଆଖଳ, ୧୬।୨(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ କଳାଶ୍ରୀ ଗ୍ରାମର ପରିବେଶବିତ ତଥା ଅବସରପ୍ରାପ୍ତ ସୈନିକ କ୍ଷୀରୋଦ ଜେନାଙ୍କୁ ଏକ ଘରୋଇ ଟେଲିଭିଜନ ଚ୍ୟାନେଲ ତରଫରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପତି ପ୍ରାଇଡ୍ ଅଫ ଓଡ଼ିଶା ସମ୍ମାନରେ ସମ୍ମାନିତ କରିଛନ୍ତି। ଭାରତୀୟ ସେନାବାହିନୀରୁ ଅବସର ନେବା ପରେ ଶ୍ରୀ ଜେନା ପରିବେଶ ସୁରକ୍ଷା ପାଇଁ ପାଖାପାଖି ୧୦ ଗୋଟି ଗ୍ରାମ ପଞ୍ଚାୟତର ବିଭିନ୍ନ ରାସ୍ତା କଡ଼, ଟାଙ୍ଗରଭୂଇଁ ଓ ଲଣ୍ଡାପାହାଡ଼ରେ ୩୦ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ଫଳ ଗଛ ଲଗାଇସାରିଛନ୍ତି। ଏଥିପାଇଁ ତାଙ୍କୁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ସମେତ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ଗୃହମନ୍ତ୍ରୀ, ସେନା ମୁଖ୍ୟଙ୍କ ଠାରୁ ମଧ୍ୟ ସମ୍ମାନ ମିଳିଛି।

## ସୁକିନ୍ଦାରେ ଜାତୀୟ ପେନ୍‌ସନ ପ୍ରଶିକ୍ଷଣ ଶିବିର

**ସୁକିନ୍ଦା, ୧୬।୨(ସମିସ):** ସୁକିନ୍ଦା ବ୍ଲକ ଉପ କୋଷାଗାର ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପକୋଷାଗାର ଅଧିକାରୀ ରତ୍ନାକର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏହି ବ୍ଲକର ବିଭିନ୍ନ ବିଭାଗରେ କାର୍ଯ୍ୟରତ ସରକାରୀ କର୍ମଚାରୀ ମାନେ ଯୋଗଦେଇଥିଲେ। ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ କୋଷାଗାର ଓ ପରିଦର୍ଶନ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ସମସ୍ତ କୋଷାଗାରରେ ନୂତନ ଜାତୀୟ ପେନସନ ସମ୍ବନ୍ଧୀୟ ସଚେତନତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି। ଗୁରୁବାର ସୁକିନ୍ଦାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗ ପକ୍ଷରୁ ଶେଖର ଶ୍ରୀ, ମୃତ୍ୟୁଞ୍ଜୟ ସାମଲ, ରୁକ୍ମଣୀ ମୁର୍ମୁ, ପରେଶ୍ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଲିଙ୍ଗେଶ୍ୱର ଉନ୍ନୟନ କମିଟିର ବାର୍ଷିକୋତ୍ସବ



**ପାଣିକୋଇଲି, ୧୬।୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ସ୍ଥିତ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ୫୬ ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭା ବରିଷ୍ଠ ସଦସ୍ୟ ତଥା ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ବୃନ୍ଦାବନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ କମିଟିର ସମ୍ପାଦକ ଡ.ଦୈତାରୀ ଧଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ୟାସନଗର ସ୍ୱୟଂଚାଳିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଶିବ ଚରଣ ମାଝୀ, ସମ୍ମାନିତ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି, ମୁଖ୍ୟ ବକ୍ତାଭାବେ ପାଣିକୋଇଲି ମା' ତାରିଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ସଭାପତି ଦାମୋଦର ଧଳ ଓ ସନାତନ ସାମଲଙ୍କ ପରଲୋକରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରୁଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କମିଟିର ସଭାପତି ବନମାଳୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ସଦାନନ୍ଦ ସାମଲ, କୋଷାଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ପାଲ, ପ୍ରତାପ ଚନ୍ଦ୍ର ଧଳ, ଦିଲ୍ଲୀପ କୁମାର ଧଳ, ଶଙ୍କର୍ଷଣ ପରିଡ଼ା, ଗୋଲେକ ଚନ୍ଦ୍ର ମାଝୀ, କୈଳାସ ଚନ୍ଦ୍ର ସାହୁ, ଗଦାଧର ଧଳ, ପ୍ରମୋଦ କୁମାର ସାହୁ, ବାସୁଦେବ ପରିଡ଼ା, ଶରତ ଚନ୍ଦ୍ର ଧଳ, ପ୍ରଦୀପ ଧଳ, ବିଷ୍ଣୁ ଚରଣ ଧଳ, ଭଗବାନ ସାହୁ, ନିରଞ୍ଜନ ପାଣିଗ୍ରାହୀ, ସନ୍ତୋଷ କୁମାର ଧଳ, ରମେଶ ସାହୁ, ରାଜ କିଶୋର ମଲ୍ଲିକ, ତାପସ ରଞ୍ଜନ ଧଳ, ନିତ୍ୟାନନ୍ଦ ପରିଡ଼ା, ମଦନ ମୋହନ ମାଝୀ, ଅନିରୁଦ୍ଧ ସେଠୀ, ଭବ ରଞ୍ଜନ ଧଳ, ମାନସ ରଞ୍ଜନ ଧଳ, ଅକ୍ଷୟ କୁମାର ଧଳ, ନାଣ୍ଟୁ ମଳିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନାବାଳିକାକୁ ଅସଦାଚରଣ ଅଭିଯୋଗ

**ଯାଜପୁର, ୧୬।୨(ସମିସ):** ଯାଜପୁର ଟାଉନ ଥାନା ଅଞ୍ଚଳର ଜନୈକା ୫ ବର୍ଷୀୟା ନାବାଳିକୁ ସୋମବାର ଅପରାହ୍ନ ୧ ଘଟିକା ସମୟରେ ସେହି ଅଞ୍ଚଳର ଜନୈକ ୧୭ ବର୍ଷୀୟ ନାବାଳକ ତାଙ୍କ ଘରକୁ ଡାକି ନେଇ ଜୋର ଜବରଦସ୍ତ ଅସଦାଚରଣ କରିଥିଲା। ନାବାଳିକା ଜଣକ କାନ୍ଦି କାନ୍ଦି ଘରକୁ ଆସି ତା' ମା'କୁ ଏ ବିଷୟରେ ଜଣାଇଥିଲା। ଏ ନେଇ ନାବାଳିକାର ମା' ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ କେଶ ନଂ. ୫୮/୨୬ରେ ଏକ ଅସଦାଚରଣ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ନାବାଳକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି।

## ବ୍ୟବସାୟୀଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ୨. ୮୦ ଲକ୍ଷ ଟଙ୍କା ଲୁଟ୍

**କବାଟବନ୍ଧ, ୧୬।୨ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥ ବଳରାମପୁର କନ୍ତପଡ଼ା ଛକ ନିକଟରୁ ଜଣେ ବ୍ୟବସାୟୀଙ୍କ ଠାରୁ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି କରିବା ସହିତ ବ୍ୟବସାୟୀଙ୍କ ମହଲରେ ଭୟ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁସାରେ କବାଟବନ୍ଧ ବଣିଆ ସାହି ଗ୍ରାମର ମହିନ ବେହେରାଙ୍କ ପୁଅ ହାଡ଼ିବନ୍ଧୁ ବେହେରା ଓରଫ (କାଳିଆ) କନ୍ତପଡ଼ା ଛକ ନିକଟରେ କଦଳୀ ଗୋଦାମ କରି ବ୍ୟବସାୟ କରନ୍ତି। ସୋମବାର ଅପରାହ୍ନ ପ୍ରାୟ ୫.୪୫ ମିନିଟ ସମୟରେ କାଳିଆ ଏକ ବାଇକ୍ ଯୋଗେ ଗୋଦାମରୁ ୨ ଲକ୍ଷ ୮୦ ହଜାର ଟଙ୍କା ନେଇ ଘରକୁ ଫେରୁଥିଲେ। ଉକ୍ତ ଟଙ୍କାକୁ ଏକ ଗାମୁଛାରେ ବାନ୍ଧି ପେଟରେ ଗୁଡେଇ କାଳିଆ ଗୋଦାମରୁ ପ୍ରାୟ ୫ ଶହ ମିଟର ଯିବା ପରେ ବଳରାମପୁର ଛକ ପୋଲ ପୂର୍ବରୁ ଦୁର୍ବୃତ୍ତ ତାଙ୍କ ଆଖିରେ ଲଙ୍କା ଗୁଣ୍ଡ ପକାଇ ଟଙ୍କା ଛଡ଼ାଇ ନେଇ ଯାଇଥିବା ସେ କହିଛନ୍ତି। କାଳିଆ ମୁହଁକୁ ଲଙ୍କା ଗୁଣ୍ଡ ପକାଇବା କାରଣରୁ ସେ ଯନ୍ତ୍ରଣା ପାଇ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକମାନେ ଦେଖି ତାଙ୍କୁ ଉଦ୍ଧାର କରି ମେଡ଼ିକାଲ ପଠାଇ ଥିଲେ। ଧର୍ମଶାଳା ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା ପରେ କାଳିଆଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଜେନାପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଧର୍ମଶାଳାରେ ନୂତନ ଅତିରିକ୍ତ ଆଇଆଇସି

**ଧର୍ମଶାଳା, ୧୬।୨(ସମିସ):** ଧର୍ମଶାଳା ଥାନାରେ ନୂତନ ଅତିରିକ୍ତ ଆଇଆଇସି ଭାବେ ସୁବ୍ରତ କୁମାର ସାହୁ ଯୋଗଦେଇଛନ୍ତି। ଶ୍ରୀ ସାହୁ ପଦୋନ୍ନତି ପାଇବା ପରେ ଯାଜପୁର ପୁଲିସ ହେଡ କ୍ୱାଟରରେ ଯୋଗଦେଇଥିଲେ। ଏବେ ସେଠାରୁ ତାଙ୍କର ଧର୍ମଶାଳା ଥାନାକୁ ବଦଳି ହୋଇଛି। ଧର୍ମଶାଳା ଥାନା ଏକ ସମ୍ବେଦନଶିଳ ଅଞ୍ଚଳ ହୋଇଥିବାରୁ ଆଇନ ଶୃଙ୍ଖଳାକୁ ନଜରରେ ରଖି ଏସ୍‌ପି ଯସପ୍ରତାପ ସିମଲ ଏଠାରେ ଦୁଇ ଜଣ ଆଇଆଇସିଙ୍କୁ ନିଯୁକ୍ତି କରିଛନ୍ତି। ଶ୍ରୀ ସାହୁ ଧର୍ମଶାଳା ଥାନାରେ ଯୋଗଦେବା ପରେ ଥାନାର କର୍ମଚାରୀମାନେ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ।

## ସୁବର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଭଜନ ସନ୍ଧ୍ୟା




**ବରୀ, ୧୬।୨(ସମିସ):** ଓଡ଼ିଶାର ପ୍ରତିଷ୍ଠିତ ସାଂସ୍କୃତିକ ସଂଗଠନ ଓଁକାର ସୋସିଆଲ ଅର୍ଗାନାଇଜେଶନ ପକ୍ଷରୁ ପ୍ରତିବର୍ଷଭଳି ଏବର୍ଷ ଜାଗର ଯାତ୍ରା ଅବସରରେ ବରୀ ବ୍ଲକ ଅନ୍ତର୍ଗତ ସ୍ୱାଇଁଖଣ୍ଡସ୍ଥିତ ସୁବର୍ନେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଭଜନ ସନ୍ଧ୍ୟା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଙ୍କଜ ଜାଲ, ମୋନାଲି ମଧୁସ୍ମିତା, ମମି, ବିଜୟ କୁମାର ପ୍ରଭୃତି ବିଶିଷ୍ଟ କଣ୍ଠଶିଳ୍ପୀ ମାନେ ଭଜନ ପରିବେଷଣ କରିଥିବା ବେଳେ ଉଦଘୋଷକ ଭାବେ କଣ୍ଠଶିଳ୍ପୀ ତଥା ହାସ୍ୟ ଅଭିନେତା ବିଭୁ ମିଶ୍ରଙ୍କ ପ୍ରଦର୍ଶନ ମୁଖ୍ୟ ଆକର୍ଷଣ ଥିଲା। ଏଠାରେ ଉଲ୍ଲେଖନୀୟ ଓଁକାର ସୋସିଆଲ ଅର୍ଗାନାଇଜେଶନର ପ୍ରତିଷ୍ଠାତା ଦିଲ୍ଲିପ କୁମାର ଜେନା ପ୍ରତିବର୍ଷ ବରୀ ଅଞ୍ଚଳର ଭିନ୍ନ ଭିନ୍ନ ଶିବାଳୟ ପରିସରରେ ଭଜନ ପରିବେଷଣ କରିଥାଆନ୍ତି। କାର୍ଯକ୍ରମ ପରିଚାଳନାରେ ଓଁକାର ସଂଗଠନର କର୍ମକର୍ତ୍ତା ଅକ୍ଷୟ କୁମାର ଜେନା, ବସନ୍ତ ଭୂୟାଁ, ଗୁରୁ ଚରଣ ଦାସ, କିଶୋର ଚନ୍ଦ୍ର ଦାସ, ତୁଷାର ଶ୍ୟାନ୍ତୀ, ସୁନିଲ ଭୂୟାଁ ଏବଂ ମନ୍ଦିର କମିଟିର ସଭାପତି, ସମ୍ପାଦକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବ୍ୟାସନଗର ଏନ୍‌ସି ହାଇସ୍କୁଲର ପ୍ଲାଟିନମ ଜୁବୁଲି ଉଦ୍‌ଯାପିତ

ବ୍ୟାସନଗର, ୧୬।୨(ସମିସ)



ପିଏମ୍‌ଶ୍ରୀ ଏନ୍‌ସି ହାଇସ୍କୁଲର ପ୍ଲାଟିନମ ଜୁବୁଲି ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କମିଟିର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସନାୟକ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଯାପିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଯୋଗଦେଇ ଶିକ୍ଷାର ବିକାଶକୁ ନେଇ କିଭଳି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଆରମ୍ଭ ହେଉଛି ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣ ଶିକ୍ଷକ ଶିକ୍ଷୟିତ୍ରୀ ଜାଣିବା ସବୁଠାରୁ ବର୍ତ୍ତମାନର ବଡ ଚ୍ୟାଲେଞ୍ଜ ହୋଇଛି। ଏପରି ହୋଇପାରିଲେ ଶିକ୍ଷାର ପ୍ରକୃତ ଲକ୍ଷ୍ୟ ହାସଲ କରିବାରେ ଆମେ ସଫଳ ହେଇପାରିବା। ସେହିପରି ନିପୁଣ ଓଡ଼ିଶା ନିପୁଣ ଭାରତ କାର୍ଯ୍ୟକ୍ରମ ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହୋଇ ରହିବ। ଅନ୍ୟତମ ଅତିଥି ଭାବେ ଯୋଗ ଦେଇ କୋରେଇ ବିଧାୟକ ଆକାଶ ଦାସ ନାୟକ ନିଜ ବକ୍ତବ୍ୟରେ ଛାତ୍ର ଜୀବନ ଆମ ପାଇଁ ସବୁଠାରୁ ଶ୍ରେଷ୍ଠ ଜୀବନ ଯାହା ଆଉ ଆମେ କେବେ ଫେରି ପାଇବା ନାହିଁ ତେଣୁ ଏହାର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ସିଦ୍ଧାନ୍ତ ମହାପାତ୍ର ନିଜ ବକ୍ତବ୍ୟରେ ବର୍ତ୍ତମାନର ଛାତ୍ର ପିଢ଼ିଙ୍କ ଦୁନିଆ କେବଳ ମୋବାଇଲ ଭିତରେ ସୀମିତ ତେଣୁ ସମୟ ଥାଉ ଥାଉ ସେହି ବୁଢିଆଣୀ ଜାଲରୁ ବାହାରିବା ଦରକାର ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ କୋରେଇ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ, ସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଦେହୁରୀ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ଲାଟିନମ ଜୁବୁଲି ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାମିଦାମୀ କଳାକାର ଯୋଗଦେଇ କଳା ପଦର୍ଶନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନେକ ପୁରାତନ ଛାତ୍ର ଓ ବର୍ତ୍ତମାନର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପରିଶେଷରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ଲାଟିନମ ଜୁବୁଲି କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବାବାମଣିଙ୍କ ପୀଠରେ ଲକ୍ଷାଧିକ ଭକ୍ତ ଜାଳିଲେ ଜାଗର

# ଭୋର୍ ସାଢ଼େ ୪ଟାରେ ଉଠିଲା ମହାଦୀପ





■ ଦୁର୍ଲଭ ସୁନାବେଶରେ ଦର୍ଶନ ଦେଲେ ବାବା
■ ଶାନ୍ତିଶୃଙ୍ଖଳାର ସହ ଜାଗର ଯାତ୍ରା ସମାପନ

ଭଦ୍ରକ/ଆରଡ଼ି,୧୬।୨(ସମିସ)

ପବିତ୍ର ଜାଗର ଯାତ୍ରା ପାଇଁ ଗତ ରବିବାର ଦିନତମାମ ଉତ୍ସବମୁଖର ହୋଇ ଉଠିଥିଲା ଆରଡ଼ିସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠ। ରୀତିନୀତି ଓ ପରମ୍ପରା ଅନୁଯାୟୀ ସମସ୍ତ ସକାଳ ନୀତି ସରିବା ପରେ ସନ୍ଧ୍ୟା ୬ଟାରୁ ୪ ପ୍ରହର ନୀତି ଆରମ୍ଭ ହୋଇ ରାତି ୧୨ଟାରେ ସରିଥିଲା ପୂଜାର୍ଚ୍ଚନା। ପରେ ଗର୍ଭଗୃହକୁ ଶୋଧନ କରାଯାଇ ଦୁର୍ଲଭ ସୁନାବେଶରେ ବାବାଙ୍କୁ ସଜ୍ଜିତ କରାଯିବା ପରେ ଲକ୍ଷାଧିକ ଭକ୍ତ ସାହାଣମେଲାରେ ଦର୍ଶନ କରିଥିଲେ। ପୀଠକୁ ଆସିଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତ ରାତ୍ର ଉଜାଗର ରହି ବାବାଙ୍କ ମନ୍ଦିର ସମ୍ମୁଖରେ ଥିବା ଶିବଗଙ୍ଗା ପୁଷ୍କରିଣୀ କୂଳରେ ଜାଗର ଦୀପ ଜାଳିଥିଲେ। ପରେ ରାତି ୩ଟାରେ ମହାଦୀପ ସେବାୟତ ଅମର ପାଢ଼ୀଙ୍କ ଦ୍ୱାରା ପ୍ରସ୍ତୁତ କରାଯିବା ପରେ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ବାବାଙ୍କ ପାଖରେ ଗୁପ୍ତ ଷୋଡ଼ଶ ଉପଚାର ପୂଜାରେ ଅଗ୍ନି ସଂଯୋଗ କରାଯାଇ ଭକ୍ତ, ସେବାୟତ ଓ ପ୍ରଶାସନିକ ଅଧିକାରୀଙ୍କ ଗହଣରେ ମହାଦୀପକୁ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ଭୋର୍ ୪ଟା ୩୦ରେ ମନ୍ଦିର ଚୂଡ଼ାରେ ସ୍ଥାପନ କରାଯାଇଥିଲା। ପୀଠରେ ଶାନ୍ତିଶୃଙ୍ଖଳାର ସହ ନୀତିକାନ୍ତି ଓ ଜାଗର ଯାତ୍ରା ପାଳିତ ହୋଇଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ଜିଲ୍ଲାପାଳ ତଥା ଜାଗର ଯାତ୍ରାର ଅଧ୍ୟକ୍ଷ ଦିଲ୍ଲୀପ ରାଉତରାଏ ସମସ୍ତ ସେବାୟତଙ୍କୁ ସାଧୁବାଦ ଜଣାଇଛନ୍ତି। ସେହିପରି ବିଭିନ୍ନ ଦଳର ନେତାଙ୍କ ସହ ବରିଷ୍ଠ ଅଧିକାରୀ ବାବାଙ୍କୁ ଦର୍ଶନ କରିବା ସହ ଦୀପ ଜାଳିଥିଲେ। ପୀଠରେ ଶାନ୍ତିଶୃଙ୍ଖଳା ଓ ସଫେଇ, ପାନୀୟଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଆଦି ଯୋଗାଇଦେବା ପାଇଁ ଜିଲ୍ଲାର ପୁଲିସ ପ୍ରଶାସନଠାରୁ ଆରମ୍ଭ କରି ସମସ୍ତ ବିଭାଗୀୟ ଅଧିକାରୀ ସହଯୋଗ କରିଥିଲେ। ସତ୍ୟସାଇ ସେବା, ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଶିବିରର ଛାତ୍ରଛାତ୍ରୀ, ବାବାମଣି ଫାଉଣ୍ଡେସନ, ଜିଲ୍ଲା ରକ୍ତ ସଂଗଠନ, ଆଖଣ୍ଡଳମଣି ଉଚ୍ଚ ବିଦ୍ୟାଳୟ ସହ ବହୁ ସ୍ୱେଚ୍ଛାସେବୀ ସଂଗଠନ ନିୟୋଜିତ ରହି ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

### ପୁଲିସ ଆକ୍ରମଣରେ ଏଆଇସିସିଟିୟୁ ନେତ୍ରୀ ଗୁରୁତର

## ଏସ୍‌ପିଙ୍କୁ ଭେଟିଲେ ପ୍ରତିନିଧି ଦଳ



ଭଦ୍ରକ,୧୬।୨(ସମିସ): ଗତ ୧୨ ତାରିଖରେ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ସର୍ବଭାରତୀୟ ଧର୍ମଘଟ ଚାଲିଥିବାବେଳେ ଅତିରିକ୍ତ ଏସ୍‌ପିଙ୍କ ଉପସ୍ଥିତିରେ ଜଣେ ପୁଲିସ କନେଷ୍ଟବଳଙ୍କ ଆକ୍ରମଣରେ ଏଆଇସିସିଟିୟୁ କର୍ମୀ ତଥା ଏଆଇପିଡବ୍ଲୁଏ ଭଦ୍ରକ ସମ୍ପାଦିକା ଜୟନ୍ତୀ ବିଶ୍ୱାଳ ଗୁରୁତର ଆହତ ହୋଇଥିଲେ। ଚିକିତ୍ସିତ ହେବାର ୪ ଦିନ ପରେ ସୋମବାର ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଛନ୍ତି। ପ୍ରାୟ ୧ ମାସ ବିଶ୍ରାମ ନେବା ଲାଗି ଡାକ୍ତର ପରାମର୍ଶ ଦେଇଛନ୍ତି। ଏହି ଘଟଣାକୁ ନେଇ ସୋମବାର ଏକ ପ୍ରତିନିଧି ଦଳ ଭଦ୍ରକ ଏସ୍‌ପିଙ୍କୁ ଭେଟି ଦୋଷୀ କନେଷ୍ଟବଳ ଏବଂ ଅତିରିକ୍ତ ଏସ୍‌ପିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ପ୍ରତିନିଧି ଦଳରେ ଏଆଇସିସିଟିୟୁ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା, ଭଦ୍ରକ ସମ୍ପାଦକ ସମର ବଳ, ଭୀମସେନ ଶଙ୍ଖୁଆ ଏବଂ ସିଆଇଟିୟୁର ଦିବ୍ୟସିଂହ ନାୟକ, ନାରୀନେତ୍ରୀ ଶାନ୍ତିଲତା ରାଉତ, ପ୍ରଶାନ୍ତ ଶଙ୍ଖୁଆ ପ୍ରମୁଖ ଏସ୍‌ପିଙ୍କୁ ଭେଟିଥିଲେ। ପୁଲିସର ବର୍ବରତା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ଲାଗି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ପୁଲିସ ପ୍ରଶାସନ ଉଚିତ୍ ପଦକ୍ଷେପ ନ ନିଏ, ତେବେ ଏଆଇସିସିଟିୟୁ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବ ବୋଲି ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି।

## ଡାକ୍ତର ଦେବେନ୍ଦ୍ର ନାଥ ଦାସଙ୍କ ସ୍ମୃତିସଭା



ଭଦ୍ରକ,୧୬।୨(ସମିସ): ଭଦ୍ରକ ବାଇପାସ୍‌ସ୍ଥିତ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟର ପ୍ରତିଷ୍ଠାତା ତଥା ପ୍ରତିଷ୍ଠିତ ଚିକିତ୍ସକ ଡା. ଦେବେନ୍ଦ୍ର ନାଥ ଦାସଙ୍କ ସ୍ମୃତିଚାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ଡା. ସୁଧୀରଞ୍ଜନ ନାୟକ, ସମ୍ମାନିତ ଅତିଥି ଭାବେ ଚକ୍ଷୁ ବିଶେଷଜ୍ଞ ଡା. ପ୍ରଦୀପ ଖୁଣ୍ଟିଆ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ଡା. ଦାସ ଗତ ୩୦ ବର୍ଷ ତଳେ ବାପା ରାଘବାନନ୍ଦଙ୍କ ନାମରେ ଏହି ଚକ୍ଷୁ ଚିକିତ୍ସାଳୟ ସ୍ଥାପନ କରିଥିଲେ। ଏହି ଚକ୍ଷୁ ଚିକିତ୍ସାଳୟ ନାମରେ ପ୍ରାୟ ୪୦ ଡେସିମିଲିର ବହୁ ମୂଲ୍ୟବାନ ସମ୍ପତ୍ତି ସହ ଘର ଓ ଚକ୍ଷୁ ଚିକିତ୍ସା ପାଇଁ ଉପକରଣ ସରକାରଙ୍କୁ ଦାନ କରିଦେଇଥିଲେ। ଏହା ଏକ ଉତ୍ତମ ପଦକ୍ଷେପ ବୋଲି ଅତିଥିମାନେ କହିଥିଲେ। ଅପରପକ୍ଷରେ ଚକ୍ଷୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ଚକ୍ଷୁ ଚିକିତ୍ସାଳୟରେ ଆବଶ୍ୟକୀୟ ଉପକରଣ ନ ଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ଯାହାକି ପ୍ରତିଦିନ ଶହଶହ ରୋଗୀ ଚକ୍ଷୁ ଚିକିତ୍ସାର ସୁବିଧା ପାଇ ନ ପାରି ଫେରୁଛନ୍ତି ବୋଲି ବକ୍ତବ୍ୟରେ କହିଥିଲେ। ଖୁବ୍‌ଶୀଘ୍ର ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯିବ ବୋଲି ଡା. ନାୟକ କହିଥିଲେ। ସାମାଜିକ କର୍ମୀ ପ୍ରକାଶ ଜେନା ମଞ୍ଚ ଆମନ୍ତ୍ରଣ, କମିଟି ପକ୍ଷରୁ ନବଘନ ଦାସ ଅତିଥି ପରିଚୟ ପ୍ରଦାନ, ଅଧ୍ୟାପକ ମୃତ୍ୟୁଞ୍ଜୟ ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଷ୍ଟେନୋ ବିଶ୍ୱନାଥ ପରିଡ଼ା, ଡା. ବୈରାଗୀ ଗାହାଣ, କାର୍ତ୍ତିକ ସାମନ୍ତ, ସାମ୍ବାଦିକ ପ୍ରଦୀପ ବଳ, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବେଆଇନ ଭାବେ ଚାଲିଛି ଜମି ବେପାର

## ଅଭିଯୋଗ ପରେ ବି ରାଜସ୍ୱ ବିଭାଗ ନିରବ

ଭଦ୍ରକ,୧୬।୨(ସମିସ): ପଞ୍ଚାୟତିରାଜ ବିଭାଗଠାରୁ ଏବେ ରାଜସ୍ୱ ବିଭାଗରେ ଅଧିକ ହେଉଛି ବେଆଇନ କାର୍ଯ୍ୟକଳାପ। ଜାତିଗତ ପ୍ରମାଣପତ୍ର ହେଉ କି ରୋଜଗାର ପ୍ରମାଣପତ୍ର ପାଇବା ପାଇଁ ହନ୍ତସନ୍ତ ହେଉଛନ୍ତି ସାଧାରଣ ଲୋକ। ଦୁର୍ନୀତି ରୋକିବା ପାଇଁ ରାଜସ୍ୱ ମନ୍ତ୍ରୀ ଫୋନ୍ ନମ୍ବର ଉପଲବ୍ଧ କରିଥିବାବେଳେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମତପ୍ରକାଶ କରିଛନ୍ତି। ଏପରିସ୍ଥଳେ ଭଦ୍ରକ ତହସିଲ୍ ଅନ୍ତର୍ଗତ କାନପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ଦୈସିଂ ଗ୍ରାମ ପଞ୍ଚାୟତର କୁସୁନନଗର ମୌଜା ବଢ଼େଇଗଡ଼ିଆଠାରେ କିଛି ଜମି ବ୍ୟବସାୟୀ ବେଆଇନ ଭାବେ ଜମି ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ଏନେଇ ପ୍ରଥମେ ଭଦ୍ରକ ଜିଲ୍ଲାପାଳ, ଭଦ୍ରକ ତହସିଲ୍‌ଦାର, ଭଦ୍ରକ ଜିଲ୍ଲା ସବ୍ ରେଜିଷ୍ଟ୍ରାରଙ୍କୁ ଗ୍ରାମବାସୀମାନେ ଅଭିଯୋଗ ପତ୍ର ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଭଦ୍ରକ ତହସିଲ୍ ଅନ୍ତର୍ଗତ କାନପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ଦୈସିଂ ଗ୍ରାମ ପଞ୍ଚାୟତର କୁସୁନନଗର ମୌଜାର ଖାତା ନମ୍ବର ୫୫୧/୭୭୧ ପ୍ଲଟ୍ ନମ୍ବର ୧୮୬୩/୧୮୬୪/୧୮୬୫ ଜମି ସମ୍ପୂର୍ଣ୍ଣ ଭାବେ ଜଳ ଜମି ବା ଚାଷ ଜମି ଉପଯୋଗୀ ଅଟେ। ଏହା ଘରବାରି ପାଇଁ ଉପଯୋଗୀ ନୁହେଁ। କିଛି ଜମି ବ୍ୟବସାୟୀ ବେଆଇନ ଭାବେ ଏଗୁଡ଼ିକୁ ପ୍ଲଟିଂ କରି ବିକି ଦେବାକୁ ମସୁଧା ଚଳାଇଛନ୍ତି। ଆଗାମୀ ଦିନରେ ଆଖପାଖ ଅଞ୍ଚଳର ୩/୪ ଗ୍ରାମର ବାସିନ୍ଦା, ଚାଷୀ କ୍ଷତିଗ୍ରସ୍ତ ହେବା ସହିତ ୨ଟି ଗ୍ରାମର ବାସିନ୍ଦା ଜଳବନ୍ଦୀ ହେବା ସହିତ ପିଲା ସ୍କୁଲ ଯିବାରୁ ବଞ୍ଚିତ ହେବେ ବୋଲି ଗ୍ରାମବାସୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଭଦ୍ରକ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ନିରବତା ଯୋଗୁଁ ଏଭଳି ସମସ୍ୟା ହେବାକୁ ଯାଉଛି। ଯଦି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଦ୍ୱାରସ୍ଥ ହେବାକୁ ସେମାନେ ଚେତାବନୀ ଦେଇଛନ୍ତି।

## ସିଦ୍ଧେଶ୍ୱରଙ୍କ ପୀଠରେ ରାତି ୧୨ରେ ଉଠିଲା ମହାଦୀପ

ଭଦ୍ରକ,୧୬।୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ମତୋ ପଞ୍ଚାୟତ ଚଷାଖଣ୍ଡ ବାବା ସିଦ୍ଧେଶ୍ୱରଙ୍କ ପୀଠରେ ମହାଶିବରାତ୍ରୀ ପାଳିତ ହୋଇଯାଇଛି। ବାବା ସିଦ୍ଧେଶ୍ୱର କମିଟିର ସଦସ୍ୟମାନେ କୁନିକୁନି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାତି ପ୍ରାୟ ୧୨ଟାରେ ବାବା ସିଦ୍ଧେଶ୍ୱରଙ୍କ ଚୂଡ଼ାକୁ ମହାଦୀପ ଉଠାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମଟି ସଭାପତି ସୁଦର୍ଶନ ବେହେରାଙ୍କ ସଭାପତିତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରଭାସ ସୁଦର୍ଶନ ମହାନ୍ତି, ସମ୍ମାନିତ ଅତିଥି ରବିନ୍ଦ୍ର ନନ୍ଦି, ରାଜନାରାୟଣ ନାୟକ, ସଜନ ସୁନ୍ଦର ସେଠୀ ଉପସ୍ଥିତ ରହି କୁନି କୁନି ପ୍ରତିଭାମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୁନିକୁନି କଳାକାରମାନଙ୍କୁ ସିଲ୍, ଖାତା, କଲମ ଦେଇ ସମ୍ମାନିତ କରାଯାଇଥିଲା।

## ମଧୁମେହ ଜନିତ ସଚେତନତା ଶିବିର




ଭଦ୍ରକ,୧୬।୨(ସମିସ): ମଧୁମେହ ଜନିତ ବିଭିନ୍ନ ପ୍ରକାର ସମସ୍ୟା ଏହି ରମ୍‌ଜାନ ମାସରେ ଏବଂ ଉପବାସ ମାସ ପରେ ହିଁ ହୋଇଥାଏ। ଏହି ସବୁ କାରଣକୁ ଦୃଷ୍ଟିରେ ରଖି "ଭଦ୍ରକ ଡାଇବେଟିସ୍ ଫାଉଣ୍ଡେସନ' ତରଫରୁ ବିଗତ ୫ ବର୍ଷ ଧରି ଏହି ସଚେତନତା କାର୍ଯ୍ୟକ୍ରମ ଚାଲିଆସୁଛି। ଚଳିତ ବର୍ଷ ଭଦ୍ରକ ପୁରୁଣା ବଜାରସ୍ଥିତ "ମଦିରା ମଇଦାନ'ଠାରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫୨ ଜଣଙ୍କର ମଧୁମେହ ଜନିତ ବିଭିନ୍ନ ପ୍ରକାର ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ଏଥିସହିତ ଏହି ରମ୍‌ଜାନ କେଉଁମାନେ ଉପବାସ କରିପାରିବେ ଓ କେଉଁମାନେ କରିପାରିବେ ନାହିଁ, ଯେଉଁମାନେ ଉପବାସ କରିବେ କେମିତି ଖାଦ୍ୟ ଓ ଔଷଧ ଖାଇବେ ସେଥିପ୍ରତି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ ବରିଷ୍ଠ ଚିକିତ୍ସକ ଡାକ୍ତର ରଞ୍ଜିତ କୁମାର ଖଟୁଆ। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ତଥା ଫେଲୋସିପ୍‌ର ସମ୍ପାଦକ ଏସ୍‌ଏମ ଫାରୁକ୍ ଓ ବରିଷ୍ଠ ନାଗରିକ ଫଜ୍‌ଲେ ହକ୍ ମଧ୍ୟ ଉପସ୍ଥିତ ରହି ଏହା ଏକ ସୁନ୍ଦର କାର୍ଯ୍ୟକ୍ରମ ବୋଲି କହିବା ସହ ଏହା ଭାଇଚାରାର ଜୀବନ୍ତ ଉଦାହରଣ ବୋଲି ମତ ରଖିଥିଲେ। ଏହି ଶିବିରକୁ ଔଷଧ ବିତରକ ସଂସ୍ଥାର ସଦସ୍ୟମାନେ ପରିଚାଳନା କରିବା ସହ ସ୍କ୍ରିନିଂ, ଟେଷ୍ଟିଂ ଆଦି କାର୍ଯ୍ୟ କରିଥିଲେ।

## ମାର୍ଚ୍ଚ ୬ରୁ ସର୍ବଭାରତୀୟ ଟିଲୋ କପ୍




ବନ୍ତ/ଆଗରପଡ଼ା,୧୬।୨(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଟିଲୋସ୍ଥିତ ହନୁମାନଜୀଉ ଷ୍ଟାଡିୟମ୍‌ଠାରେ ଓଡ଼ିଶା କ୍ରିକେଟ ଆସୋସିଏସନ ସହଯୋଗରେ ଆସନ୍ତା ମାର୍ଚ୍ଚ ୬ରୁ ସର୍ବଭାରତୀୟ ଟିଲୋ କପ୍‌ର ୩୦ତମ ସଂସ୍କରଣ ଆରମ୍ଭ ହୋଇ ମାର୍ଚ୍ଚ ୧୫ରେ ଶେଷ ହେବ। ଏନେଇ ଷ୍ଟାଡିୟମ୍ ପରିସରରେ ଭୁବନେଶ୍ୱରସ୍ଥିତ ଗୀତା ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଡ. ମନ୍ମଥ କୁମାର ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଟିଲୋ ଆଥ୍‌ଲେଟିକ୍ ଆସୋସିଏସନ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଦେଶର ୮ଟି ପ୍ରତିଷ୍ଠିତ ଦଳ ଅଂଶ ଗ୍ରହଣ କରିବେ। ସେଥିମଧ୍ୟରୁ ଓଡ଼ିଶାର ଗୋଟିଏ ଦଳ ରହିଥିବାବେଳେ ରାଜ୍ୟ ବାହାରୁ ୭ଟି ଦଳ ରହିଛନ୍ତି। ଦୁଇଟି ଟର୍ଫ ୱିକେଟ୍‌ରେ ୧୫ଟି ମ୍ୟାଚ୍ ଅନୁଷ୍ଠିତ ହେବ। ୮ଟି ଦଳରେ ୫୦ରୁ ଊର୍ଦ୍ଧ୍ୱ ପୂର୍ବର ଆଇପିଏଲ୍ ଖେଳିଥିବା ଏବଂ ଚଳିତ ବର୍ଷ ଆଇପିଏଲ୍ ଖେଳିବାକୁ ଯାଉଥିବା ଖେଳାଳି ରହିଛନ୍ତି। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ, ଭଦ୍ରକ ସାଂସଦ, ବିଧାୟକ, ଜିଲ୍ଲାପାଳ, ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେବା ପାଇଁ ସ୍ଥିର କରାଯାଇଛି ବୋଲି ଆଥ୍‌ଲେଟିକ୍ ଆସୋସିଏସନର ସଭାପତି ଇଂ ଲକି ମାଷ୍ଟର ସ୍ୱାଇଁ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଉପଦେଷ୍ଟା ମନମୋହନ ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଅଧ୍ୟାପକ ରମେଶ ଚନ୍ଦ୍ର ବେହୁରା, ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ ଶେଖର ମହାନ୍ତି, ପ୍ରଶାନ୍ତ କୁମାର ପୃଷ୍ଟି, ଟିଲୋ ସମିତିସଭ୍ୟା ପ୍ରତିନିଧି ଉମେଶ ଚନ୍ଦ୍ର ସେଠୀ ମଞ୍ଚାସୀନ ଥିଲେ। ଶିକ୍ଷକ ସୁକାନ୍ତ ବେହେରା ଅତିଥି ପରିଚୟ ଓ ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏଲ୍. ଅମରଜିତ୍ ସ୍ୱାଇଁ, ଅସିତ୍ କର, ପୂର୍ଣ୍ଣେନ୍ଦୁ ଜେନା, ଧନେଶ୍ୱର ଧଳ, ପ୍ରକାଶ ସ୍ୱାଇଁ, ବିଭୁତି ପଲେଇ, ସୁବ୍ରତ ପୃଷ୍ଟି, ସନ୍ତୋଷ ଧଳ, ପର୍ଶୁରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବେଦାନ୍ତ ଫେକର ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର



ଭଦ୍ରକ,୧୬।୨(ସମିସ): ବେଦାନ୍ତ ଗ୍ରୁପ୍ କମ୍ପାନୀ ଫେରୋ ଆଲୟସ୍ କର୍ପୋରେସନ୍ ଲିମିଟେଡ୍ (ଫେକର) ଏକ ସୁସ୍ଥ ଏବଂ ସୁରକ୍ଷିତ କର୍ମକ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରି ଏକ ବ୍ୟାପକ ୫ ଦିନିଆ ଗଣସ୍ୱାସ୍ଥ୍ୟ ଯାଞ୍ଚ ଅଭିଯାନ ସଫଳତାର ସହ ସମାପ୍ତ କରିଛି। ଏହି ପ୍ରୟାସରେ କର୍ମଚାରୀ, ପରିବାର ଏବଂ ବ୍ୟାବସାୟିକ ଅଂଶୀଦାରଙ୍କ ସମେତ ୧୪୧୪ ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ବିସ୍ତୃତ ଚିକିତ୍ସା ମୂଲ୍ୟାଙ୍କନ ମାଧ୍ୟମରେ ଏହି ଅଭିଯାନ ଅଂଶଗ୍ରହଣକାରୀଙ୍କୁ ସମ୍ଭାବ୍ୟ ବୃତ୍ତିଗତ ସ୍ୱାସ୍ଥ୍ୟ ବିପଦର ପ୍ରାରମ୍ଭିକ ଚିହ୍ନଟକୁ ସମର୍ଥନ କରିବା ସହିତ ସେମାନଙ୍କର ସାମଗ୍ରିକ ସ୍ୱାସ୍ଥ୍ୟର ସମ୍ପୂର୍ଣ୍ଣ ମୂଲ୍ୟାଙ୍କନ ପାଇବାକୁ ସକ୍ଷମ କରିଥିଲା। ପ୍ରତିରୋଧକ ସ୍ୱାସ୍ଥ୍ୟସେବାର ମୂଲ୍ୟକୁ ଆଲୋକପାତ କରି, କାର୍ଯ୍ୟକ୍ରମ ବ୍ୟକ୍ତିବିଶେଷଙ୍କୁ ଦୀର୍ଘକାଳୀନ କଲ୍ୟାଣକୁ ସମର୍ଥନ କରୁଥିବା ସକ୍ରିୟ ଅଭ୍ୟାସ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲା। ଏକ ସୁରକ୍ଷିତ କର୍ମକ୍ଷେତ୍ର ଏବଂ ଏକ ସୁସ୍ଥ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧତା ସହିତ ସମନ୍ୱୟ ରଖି, କମ୍ପାନୀ ଏକ ଅନ୍‌ସାଇଟ୍ ଡିସ୍‌ପେନ୍‌ସାରୀ, ଆମ୍ବୁଲାନ୍ସ ସେବା ଏବଂ ବିଶେଷଜ୍ଞ ଡାକ୍ତରଙ୍କ ନିୟମିତ ପରିଦର୍ଶନ ସମେତ ଅନେକ କର୍ମଚାରୀ ସ୍ୱାସ୍ଥ୍ୟ ପଦକ୍ଷେପ କାର୍ଯ୍ୟକାରୀ କରିଛି।

## ଶ୍ରୀୟାଂଶୁ ସାମାଜିକ ସଂଗଠନ ପକ୍ଷରୁ ପଣା ବଣ୍ଟନ



ଆରଡ଼ି,୧୬।୨(ସମିସ): ମହାଶିବରାତ୍ରୀ ଅବସରରେ ଆରଡ଼ିଠାରେ ଶ୍ରୀୟାଂଶୁ ସୋସିଆଲ ଅର୍ଗାନାଇଜେସନ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଜଳଛତ୍ର ଖୋଲାଯାଇ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ପଣା, ସରବତ ପ୍ରଦାନ କରି ଆପ୍ୟାୟିତ କରାଯାଇଥିଲା। ଏହି ଧାର୍ମିକ କାର୍ଯ୍ୟକ୍ରମରେ ଉପକଣ୍ଠ ସୂଚନାଧିକାରୀ ମଧୁସ୍ମିତା ମହାପାତ୍ର, ମିନାକ୍ଷୀ ଗରାବଡ୍ଡୁ, ସୁଶାନ୍ତ ନାୟକ, ଅନନ୍ତ ସାହୁ, କବିତା ସାହୁ, ସାମ୍ବାଦିକ ସନ୍ତୋଷ ଦାସ, ରତିକାନ୍ତ ନାୟକ, ଦେବପ୍ରସନ୍ନ ବିଶ୍ୱାଳ, ସାଧୁ ଚରଣ ମଲ୍ଲିକ, ଲକ୍ଷ୍ମୀନାରାୟଣ ମିଶ୍ର, ସମାଜସେବୀ ମଦନ ମୋହନ ପଣ୍ଡା, ରିତା ସାଇନ୍ତ, ପ୍ରମିଳା ସେଠୀ, ଗୀତାଞ୍ଜଳି ନାୟକ, ପ୍ରଜ୍ଞା ପରିମିତା ବେହେରା, ପ୍ରଜ୍ଞା ନିବେଦିତା ବେହେରା, ସଂଗଠନର ଅନେକ ସହଯୋଗୀ ଯୁବକ ଓ ଟ୍ରଷ୍ଟର ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ୧୯ରୁ ମାଟ୍ରିକ୍ ପରୀକ୍ଷା

# ୯ କେନ୍ଦ୍ରରେ ପରୀକ୍ଷା ଦେବେ ୧୫୩୮ ପରୀକ୍ଷାର୍ଥୀ

## ବିଦ୍ୟାଳୟରୁ ଆଡ୍‌ମିଟ୍ କାର୍ଡ ନେଲେ ଛାତ୍ରଛାତ୍ରୀ

ଭଣ୍ଡାରିପୋଖରୀ/ବାରିକପୁର,୧୬।୨(ସମିସ): ଦଶମ ଶ୍ରେଣୀ ବିଦ୍ୟାର୍ଥୀମାନଙ୍କ ପାଇଁ ବହୁ ପ୍ରତୀକ୍ଷିତ ବାର୍ଷିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଛାତ୍ରଛାତ୍ରୀମାନେ ମଧ୍ୟ ପରୀକ୍ଷା ପାଇଁ ବେଶ୍ ଉତ୍ସାହିତ ଅଛନ୍ତି। ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଆଡ୍‌ମିଟ୍ କାର୍ଡ ନେଇଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ହାଇସ୍କୁଲ ନୋଡାଲ ସେଣ୍ଟରକୁ ମିଶାଇ ବ୍ଲକ୍‌ର ୯ଟି କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତି ଶେଷ ହୋଇଛି। ୯ଟି କେନ୍ଦ୍ରରେ ଚଳିତ ବର୍ଷ ମୋଟ ୧୫୩୮ ନିୟମିତ ବିଦ୍ୟାର୍ଥୀ ପରୀକ୍ଷା ଦେବେ। ତନ୍ମଧ୍ୟରୁ ଭଣ୍ଡାରିପୋଖରୀ ହାଇସ୍କୁଲରେ ୨୨୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ସରସଦା ହାଇସ୍କୁଲରେ ୧୯୬ ଜଣ ପରୀକ୍ଷା ଦେବେ। ସେହିଭଳି ବାରିକପୁର ହାଇସ୍କୁଲରେ ୨୩୫, ବିଶୋଳ-କୁଲଣା ମୈତ୍ରୀ ସରକାରୀ ଉଚ୍ଚ ବିଦ୍ୟାପୀଠରେ ୧୩୮, ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ ମଞ୍ଜୁରୀରୋଡ୍‌ରେ ୧୩୨, ଶୁକଦେବ ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିପୋଖରୀରେ ୧୩୧, ରହଣିଆ ପିଏମ୍‌ଶ୍ରୀ ହାଇସ୍କୁଲରେ ୧୪୯, ନପଙ୍ଗ ଚଣ୍ଡିମାତା ହାଇସ୍କୁଲରେ ୧୬୭, ସୁବର୍ଣ୍ଣମୁଖୀ ହାଇସ୍କୁଲ ଯଶୋଟିକିରିରେ ୧୬୮ ଜଣ ନିୟମିତ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବେ। ଏତଦ୍‌ବ୍ୟତୀତ ସୁବର୍ଣ୍ଣମୁଖୀ ଉଚ୍ଚ ବିଦ୍ୟାଳୟଠାରେ ୩୦ଜଣ ମଧ୍ୟମା ପରୀକ୍ଷାର୍ଥୀ ମଧ୍ୟ ପରୀକ୍ଷା ଦେବେ। ସିସିଟିଭି ନଜର ଓ ପୁଲିସ ସୁରକ୍ଷା ମଧ୍ୟରେ ନୋଡାଲ କେନ୍ଦ୍ରଠାରେ ପ୍ରଶ୍ନପତ୍ରଗୁଡ଼ିକୁ ଷ୍ଟ୍ରଙ୍ଗ୍ ରୁମ୍‌ରେ ଗଚ୍ଛିତ ରଖାଯାଇଛି। ସକାଳ ୭.୩୦ରେ ପ୍ରତ୍ୟେକ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା ପରେ ୯ଟାରୁ ପରୀକ୍ଷା ଆରମ୍ଭ ହେବ। କଡ଼ା ସୁରକ୍ଷା ମଧ୍ୟରେ ଦୁଇଟି ଟିମ୍ ପ୍ରତ୍ୟେକ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚାଇବା ଦାୟିତ୍ୱ ନେଇଥିବା ନୋଡାଲ ଅଧିକାରୀ ରତିକାନ୍ତ ବେହେରା ସୂଚନା ଦେଇଛନ୍ତି। ଏହା ସହ କପିକୁ ରୋକିବା ପାଇଁ ପ୍ରଶାସନିକ, ଜିଲ୍ଲାସ୍ତରୀୟ ଓ କେନ୍ଦ୍ରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି।

## ପରୀକ୍ଷା ସମୟରେ ବାଲି ଗାଡ଼ି ଯାତାୟାତ ନିଷିଦ୍ଧ ଦାବି

ବାରିକପୁର,୧୬।୨(ସମିସ): ଆସନ୍ତା ୧୯ ତାରିଖରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ୯ଟି କେନ୍ଦ୍ରରେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ଏହି ସମୟରେ ଗ୍ରାମାଞ୍ଚଳ ରାସ୍ତାଗୁଡ଼ିକରେ ଭାରିଯାନ ଚଳାଚଳକୁ ନିଷିଦ୍ଧ ରଖିବା ପାଇଁ ଦାବି ହୋଇଛି। ବିଶେଷ କରି ବେଆଇନ ବାଲି ଗାଡ଼ିକୁ ମାଟ୍ରିକ୍ ପରୀକ୍ଷା ଅବଧି ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ପ୍ରଶାସନକୁ ଅବଗତ କରାଯାଇଛି। ପରୀକ୍ଷା ଦିନ ସକାଳୁ ଯେଉଁ ଅଧିକାରୀମାନେ ନୋଡାଲ ସେଣ୍ଟରଠାରୁ ପ୍ରଶ୍ନପତ୍ର ଧରି ପରୀକ୍ଷା କେନ୍ଦ୍ରକୁ ଯାଉଛନ୍ତି ସେମାନେ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସକାଳବେଳା ବେଆଇନ ବାଲି ଟ୍ରାକ୍ଟର ଓ ଟ୍ରକ୍ ବିଶେଷ ଭାବେ ଗମନାଗମନ କରୁଥିବାରୁ ପ୍ରଶ୍ନପତ୍ର ଧରି ଯାଉଥିବା ଗାଡ଼ି କେନ୍ଦ୍ରରେ ପହଞ୍ଚିବା ବିଳମ୍ବ ହେଉଛି। ପ୍ରତ୍ୟେକ ବର୍ଷ ଏଭଳି ସମସ୍ୟା ଦେଖାଦେଉଛି। ବିଶେଷ କରି ସରସଦାରୁ ନପଙ୍ଗ ଓ ସେଠାରୁ ବାଲିପୋଖରୀ ଏବଂ ସୁବର୍ଣ୍ଣମୁଖୀ ହାଇସ୍କୁଲକୁ ଯିବା ସମୟରେ ପ୍ରଶ୍ନପତ୍ର ଗାଡ଼ିଟି ଘୋର୍ ସମସ୍ୟାର ସମ୍ମୁଖୀନ ହେଉଛି। ଏହି ସମୟରେ ଉକ୍ତ ସ୍କୁଲ ସଂଲଗ୍ନ ଗ୍ରାମ୍ୟ ରାସ୍ତା ଓ କେନାଲ ବନ୍ଧରେ ଅବାଧ ବାଲି ଗାଡ଼ି ଯାତାୟାତ କରୁଥିବାରୁ ସଠିକ୍ ସମୟରେ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିପାରୁ ନାହିଁ। ଏହାଛଡ଼ା ଛତାବର-ଛଞ୍ଚିଣା ପୂର୍ତ୍ତ ରାସ୍ତା ଓ ବିରିଡ଼ି ଆଖୁଆପଦା ବନ୍ଧ ରାସ୍ତାରେ ମଧ୍ୟ ସାମାନ ଅବସ୍ଥା ଦେଖିବାକୁ ମିଳୁଛି। ପ୍ରଶ୍ନପତ୍ର ଯିବା ସମସ୍ୟାକୁ ଛାଡ଼ିଦେଲେ ବାଲିଗାଡ଼ି ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ମାଟ୍ରିକ୍ ପରୀକ୍ଷା ସରିବା ପର୍ଯ୍ୟନ୍ତ ବାଲି ଗାଡ଼ିକୁ ସମ୍ପୂର୍ଣ୍ଣ ନିଷିଦ୍ଧ ପାଇଁ ଅଭିଭାବକ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।




ଧାନ କିଣାରେ ଅବ୍ୟବସ୍ଥା ଓ ଚାଷୀଙ୍କୁ ଶୋଷଣ ବିରୋଧରେ ବିଜେଡିର ବିଶାଳ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

### ଋଣ ଖିଲାପିଙ୍କ ମାଡ଼ରେ ଗୁରୁତର ଘଟଣା

# ନ୍ୟାୟ ଅପେକ୍ଷାରେ ହୋମଗାର୍ଡ

ଭଦ୍ରକ, ୧୬।୨ (ସମିସ): ଋଣ କିସ୍ତି ଖିଲାପ କରୁଥିବା ବ୍ୟକ୍ତିଙ୍କଠାରୁ କାର୍ ଜବତ କରିବାକୁ ଯାଇଥିବା ବେଳେ ଆକ୍ରମଣର ଶିକାର ହୋମଗାର୍ଡଙ୍କ ଆଖି ନଷ୍ଟ ହେବାକୁ ବସିଲାଣି। କିନ୍ତୁ, ଏହି ଘଟଣାରେ ପୁଲିସ ମାତ୍ର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କାମ ସାରିଦେଇଛି। ଏବେ ବି ୬ ଅଭିଯୁକ୍ତ ବାହାରେ ବୁଲୁଥିବା ବେଳେ ପୁଲିସର ତଦନ୍ତ

- ନଷ୍ଟ ହେବାକୁ ବସିଲାଣି ଆଖି
- ଧିମେଇଗଲା ତଦନ୍ତ

ଧିମେଇ ଯାଇଛି। ଏହାକୁ ନେଇ ହୋମ୍‌ଗାର୍ଡ ଓ ତାଙ୍କ ପରିବାର ପୁଲିସ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାନୁଯାୟୀ, ଜଣେ ବ୍ୟକ୍ତି ୟୁନିଅନ୍ ବ୍ୟାଙ୍କରୁ କାର୍ ଋଣ ନେଇଥିଲେ। ମାତ୍ର ୬ ମାସ ଧରି କିସ୍ତି ପୈଠ ନ କରିବାରୁ ବ୍ୟାଙ୍କ୍ ଉକ୍ତ କାର୍‌କୁ ଜବତ କରିବାକୁ ଉଦ୍ୟମ କରିଥିଲା। ମଞ୍ଜୁରି ରୋଡ୍ ଲକ୍ଷ୍ମୀ ବଜାରରେ କାର୍‌ଟି ଠାବ ହୋଇଥିଲା। କାର୍ ଆଣିବାକୁ ବିଳମ୍ବିତ ରାତିରେ ହୋମଗାର୍ଡ ସୁଶାନ୍ତ ସାହୁଙ୍କ ସହ ବ୍ୟାଙ୍କ କର୍ମଚାରୀ ଯାଇଥିଲେ। କିନ୍ତୁ, କାର୍ ବ୍ୟବହାରକାରୀ



ଓ ତାଙ୍କ ପରିବାର ସେମାନଙ୍କୁ ଅତି ଅମାନୁଷିକ ଭାବେ ଆକ୍ରମଣ କରିଥିଲେ। ଏଥିରେ ସୁଶାନ୍ତ ଗୁରୁତର ଆହତ ହୋଇଥିଲେ। ଭଣ୍ଡାରିପୋଖରୀ ପୁଲିସ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାର ପରଦିନ ଅର୍ଥାତ୍ ଜାନୁଆରୀ ୨୨ତାରିଖ ସନ୍ଧ୍ୟାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେପଟେ, ଭଣ୍ଡାରିପୋଖରୀ ପୁଲିସ ପକ୍ଷରୁ ମଧ୍ୟ ତତ୍ପରତା ଦେଖିବାକୁ ମିଳିଥିଲା। ଥାନାଧିକାରିଣୀ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। କିନ୍ତୁ ଦୁଃଖର କଥା ହେଲା ପୁଲିସର ତଦନ୍ତ ସେତିକିରେ ସୀମିତ ରହିଯାଇଛି। ତଦନ୍ତ ବି ଧିମେଇ ଯାଇଛି। ଏହି ଘଟଣାରେ ଏବେ ବି ୬ଜଣ ଫେରାର୍ ରହିଛନ୍ତି। ପୁଲିସ ସେମାନଙ୍କ ପତ୍ତା ପାଉନାହିଁ। ଏହାକୁ ନେଇ ହୋମଗାର୍ଡ ସୁଶାନ୍ତ ଅସନ୍ତୋଷବ୍ୟକ୍ତ କରିଛନ୍ତି। ତଦନ୍ତକାରୀ ଅଧିକାରୀଙ୍କୁ ପରିବର୍ତ୍ତନ କରାଯାଇ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରି ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଛନ୍ତି ହୋମଗାର୍ଡ ସୁଶାନ୍ତ।

ଆକ୍ରମଣକାରୀଙ୍କ ମାଡ଼ରେ ସୁଶାନ୍ତଙ୍କ ବାମ ଆଖିର ରେଟିନାରେ ଜୋର୍‌ରେ ଆଘାତ ଲାଗିଥିଲା। ଏବେ ତାଙ୍କ ଆଖି ନଷ୍ଟ ହେବାକୁ ବସିଲାଣି। ଆଖିର ରେଟିନା ରକ୍ତ ଶୁଖିଯିବା ହେତୁ ଆଖି ନଷ୍ଟ ହେବାର ୯୦ପ୍ରତିଶତ ସମ୍ଭାବନା ରହିଛି ବୋଲି କହିଛନ୍ତି ଡାକ୍ତର ମଧ୍ୟ କହିଛନ୍ତି।

### ଏପର୍ଯ୍ୟନ୍ତ ଧାନ କିଣାରେ ଆସୁନି ସୁଧାର

# ମଣ୍ଡିରେ ପଡ଼ିଛି ଶହଶହ ବସ୍ତା ଧାନ; ଚାଷୀ ଅସନ୍ତୁଷ୍ଟ

ବାରିକପୁର,୧୬।୨(ସମିସ): ଜିଲ୍ଲାରେ ଏଯାଏଁ ଧାନ କ୍ରୟ ବ୍ୟବସ୍ଥାରେ ସୁଧାର ଆସିନାହିଁ। ଧାନ କିଣା ଏଯାଏଁ ଆଶାନୁରୂପ ହୋଇନାହିଁ। ପଡ଼ୋଶୀ ଜିଲ୍ଲାମାନଙ୍କରେ ଧାନ କ୍ରୟ ହେଉଥିବାବେଳେ ଏଠାରେ ପ୍ରଶାସନିକ ଅପାରଗତା ଓ ମିଲରଙ୍କ ମନମାନୀ ଯୋଗୁଁ ଚାଷୀମାନେ ଧାନ ବିକ୍ରିରୁ ବଞ୍ଚିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପ୍ରାଥମିକ କୃଷି ସମବାୟ ସମିତିଠାରେ ଦିନ ଦିନ ଧରି ଶହଶହ ଧାନ ବସ୍ତା ପଡ଼ି ରହିଛି।



ସୂଚନା ମୁତାବକ, ଉକ୍ତ ସମିତିରେ ମାଳଦା ସମେତ ଷୋଳମପୁର ଓ ନପଙ୍ଗ ପଞ୍ଚାୟତ ଅଞ୍ଚଳର ଚାଷୀମାନେ ଧାନ ବିକିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ସମିତିରେ ମୋଟ୍ ୮୦୨ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବାବେଳେ ୭୯୫ ଜଣ ଚାଷୀଙ୍କୁ ଶସ୍ୟ ବିକ୍ରି ପାଇଁ ଟୋକନ୍ ମିଳିଛି। ସେଥିମଧ୍ୟରୁ ମାତ୍ର ୨୮୧ ଜଣ ଚାଷୀଙ୍କଠାରୁ ୧୧ ହଜାର ୩୪୭ କ୍ୱିଣ୍ଟାଲ ୪୭ କେଜି ଧାନ କିଣା ହୋଇଛି। ମିଲର ୫୭୩୮ କ୍ୱିଣ୍ଟାଲ ଧାନ ନେଇଥିବାବେଳେ ବାକି ଶସ୍ୟ ସମିତି ପରିସରରେ ଖରା କାକର ଖାଉଛି। ଦୀର୍ଘ ଦିନ ହେବ ଧାନ ସ୍ଥାନାନ୍ତରିତ ହେଉନାହିଁ। ପଞ୍ଜୀକରଣ ଅନୁସାରେ ସମିତି ୩୫ ହଜାର କ୍ୱିଣ୍ଟାଲରୁ ଅଧିକ ଧାନ କ୍ରୟ ପାଇଁ ଲକ୍ଷ୍ୟ ରଖିଥିବାବେଳେ ଏବେ ସୁଦ୍ଧା ମାତ୍ର ୩୦ ପ୍ରତିଶତ ଶସ୍ୟ କିଣା ହୋଇନାହିଁ। ଏପରିସ୍ଥଳେ ପଞ୍ଜିକୃତ ଚାଷୀମାନେ କେଉଁଦିନ ଧାନ ବିକ୍ରି କରବେ ଜାଣିପାରୁ ନାହାନ୍ତି। ଯାହାକୁ ନେଇ ୩ଟି ପଞ୍ଚାୟତର ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ଅବ୍ୟବସ୍ଥା ଲାଗି ରହିଲେ ଚାଷୀମାନେ ଆଗାମୀ ଦିନରେ ଧାରଣାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

# ଧୂଷୁରୀ ବଜାରରେ ଏକାଧିକ ଦୋକାନରୁ ଡକାୟତି

### ବ୍ୟବସାୟୀଙ୍କ ମଧ୍ୟରେ ଆତଙ୍କ

ଭଦ୍ରକ,୧୬।୨(ସମିସ): ଭଦ୍ରକ ଜିଲ୍ଲା ଧୂଷୁରୀ ବଜାରରେ ଘଟିଛି ଏକ ବଡ଼ ଧରଣର ଡକାୟତି। ରବିବାର ରାତିରେ ଦୁର୍ବୃତ୍ତମାନେ ବଜାରର ଏକାଧିକ ଦୋକାନକୁ ଟାର୍ଗେଟ୍ କରି ଚୋରି କରିଛନ୍ତି। ସୂଚନା ଅନୁଯାୟୀ, ଏକ ଏଟିଏମ୍ ସହିତ ଗୋଖାଦ୍ୟ ଦୋକାନ, ରାସନ ଦୋକାନ, ଟେଲର ଦୋକାନ, ପାଥୋଲୋଜି ସେଣ୍ଟର ଓ ଇଲେକ୍ଟ୍ରୋନିକ୍ସ ଦୋକାନରୁ ଟଙ୍କା



ସହ ମୂଲ୍ୟବାନ ସାମଗ୍ରୀ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ରାତିର ଅନ୍ଧାରର ସୁଯୋଗ ନେଇ ଦୋକାନଗୁଡ଼ିକର ତାଲା ଭାଙ୍ଗି ଚୋରି କରିଥିବା କୁହାଯାଉଛି। ସ୍ଥାନୀୟ ଦୋକାନୀମାନଙ୍କ କହିବା କଥା, ବଜାର ନିକଟରେ ଥାନା ଥିବା ସତ୍ତ୍ୱେ ଏପରି ବଡ଼ ଧରଣର ଚୋରି ଘଟଣା ଘଟିବା ତାଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛି। ଘଟଣା ପରେ ବଜାରର ବ୍ୟବସାୟୀମାନେ ଆତଙ୍କିତ ହୋଇପଡ଼ିଛନ୍ତି ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବା ସହ ଅପରାଧୀମାନଙ୍କୁ ଶୀଘ୍ର ଚିହ୍ନଟ କରିବା ପାଇଁ ପ୍ରୟାସ ଜାରି ରହିଛି। ଏହି ବଡ଼ ଚୋରି ଘଟଣା ପରେ ବଜାରର ସୁରକ୍ଷା ବ୍ୟବସ୍ଥାକୁ ନେଇ ଚର୍ଚ୍ଚା ବଢ଼ିଛି। ବର୍ତ୍ତମାନ ଦେଖିବାକୁ ଅଛି, ପୁଲିସ କେତେ ଶୀଘ୍ର ଅପରାଧୀମାନଙ୍କୁ ଗିରଫ କରୁଛି।

# ବଧୂହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

ଭଦ୍ରକ,୧୬।୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅନ୍ତର୍ଗତ ବିଜୟନଗର ପଞ୍ଚାୟତର ବିଜୟନଗର ଗାଁର ଜଣେ ବିବାହିତା ମହିଳାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ବାଥରୁମ୍‌ରେ ପଡ଼ି ମୃତ୍ୟୁ ଘଟିଥିବା ଶାଶୂଘର ପକ୍ଷରୁ ଦାବି କରାଯାଉଥିବା ବେଳେ, ମୃତକଙ୍କ ବାପଘର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଛି।



ସୂଚନା ଅନୁଯାୟୀ, ମତୋ ମାଳବାଡ଼ ଗାଁର ସୁଦାମ ସେନାପତିଙ୍କ ଝିଅଙ୍କ ସହ ବିଜୟନଗର ଗାଁର କ୍ଷୀରସିନ୍ଧୁ ପାଣ୍ଡବଙ୍କ ପୁଅ ଚିଣ୍ଟୁ ପାଣ୍ଡବଙ୍କ ୨୦୨୧ରେ ପ୍ରେମ ବିବାହ ହୋଇଥିଲା। ବିବାହ ସମୟରେ ବାପଘର ପକ୍ଷରୁ ସମସ୍ତ ଯୌତୁକ ଦିଆଯାଇଥିବା ସତ୍ତ୍ୱେ ପରେ ଅଧିକ ଯୌତୁକ ଦାବି କରି ମହିଳାଙ୍କୁ ନିର୍ଯାତନା ଦିଆଯାଉଥିବାକୁ ମୃତକଙ୍କ ବାପା ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରବିବାର ସକାଳ ପ୍ରାୟ ୯ଟା ସମୟରେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ମେଡିକାଲକୁ ଅଣାଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣାର ଖବର ପାଇ ମୃତକଙ୍କ ବାପଘର ଲୋକେ ନ୍ୟାୟ ଦାବି କରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଆମ୍ବୁଲାନ୍ସ ଗାଡ଼ି ଆଗରେ ବସିରହିଥିଲେ। ଚାନ୍ଦବାଲି ଆଇଆଇସି ପରେଶ ମହାନ୍ତିଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଝିଅର ବାପଘର ଲୋକେ ଚାନ୍ଦବାଲି ଥାନାରେ ଏକ ଲିଖିତ ଅଭିଯୋଗ ପରେ ପୁଲିସ ଏକ ମାମଲା ୪୯/୨୬ ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି। ସୋମବାର ଅନୁସନ୍ଧାନକାରୀ ଟିମ୍ ପହଞ୍ଚିଥିବା ସୂଚନା ମିଳିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଚାନ୍ଦବାଲି ଆଇଆଇସି ପରେଶ ମହାନ୍ତି କହିଛନ୍ତି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ: କୁମ୍ଭାରିଆ ଚାମ୍ପିଅନ

ବାରିକପୁର,୧୬।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ବୟାବନାପୁର ପଞ୍ଚାୟତ ନିକଟସ୍ଥ ହଳଦିଗଡ଼ିଆ ପଡ଼ିଆଠାରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ହୋଇଥିବା ଟୁର୍ଣ୍ଣାମେଣ୍ଟରେ ଅନ୍ତିମ ମ୍ୟାଚ୍ କୁମ୍ଭାରିଆ ଓ ଜଗନ୍ନାଥ ପ୍ରସାଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ଜଗନ୍ନାଥ ପ୍ରସାଦ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୧୩ ରନ୍ ସଂଗ୍ରହ କରିଥିଲା। ଜବାବରେ କୁମ୍ଭାରିଆ ଟିମ୍ ୧୧୪ ରନ୍ କରି ବିଜୟ ଲାଭ କରି ଚାମ୍ପିଅନ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ସଭାରରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ମିନତୀ ସାହୁ ଓ ସମାଜସେବୀ ରଜନୀକାନ୍ତ ଚନ୍ଦ ଯୋଗଦେଇଥିଲେ। ଅତିଥିଦ୍ୱୟ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

### ମଣିନାଥପୁର ଶ୍ମଶାନରୁ ଶବ ଚୋରି ଘଟଣା; ମାମଲା ରୁଜୁ

# ଘଟଣାସ୍ଥଳରେ ପୁଲିସ ଅଧୀକ୍ଷକଙ୍କ ତଦନ୍ତ

ଭଣ୍ଡାରିପୋଖରୀ,୧୬।୨(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ବୈତରଣୀ ନଦୀ କୂଳ ଗ୍ରାମ ଶ୍ମଶାନରୁ ଶବ ଚୋରି ଅଭିଯୋଗରେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ଜିଲ୍ଲା ପୁଲିସ ଅଧୀକ୍ଷକ ମନୋଜ କୁମାର ରାଉତ। ସୋମବାର ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରିବା ସହ ଗ୍ରାମବାସୀଙ୍କୁ ପଚରାଉଚରା କରିଥିଲେ। ଶବ ଚୋରମାନେ ଛାଡ଼ି ଯାଇଥିବା ଗ୍ଲୋବ୍‌ଠାରୁ ବୈତରଣୀ ନଦୀ ଶଯ୍ୟାରେ ମାଲିମାଫିଆଙ୍କ ଦ୍ୱାରା ନିର୍ମିତ ଅସ୍ଥାୟୀ ରାସ୍ତାରେ ସନ୍ଧାନୀ କୁକୁର ବେଶ୍ କିଛି ବାଟ ଯିବା ପରେ ଫେରିଆସି ନିକଟରେ ଥିବା ଗ୍ରାମର ଅନ୍ୟ ଏକ ଶ୍ମଶାନକୁ ଯାଇଥିଲା। ଶବ ଚୋରି ଯାଇଥିବା ଗ୍ରାମର ସ୍ୱର୍ଗତ କାର୍ତ୍ତିକ ନାୟକଙ୍କ ପୁତ୍ର ବନ୍ଦନ ନାୟକ ରବିବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ୭୦/୨୬ ନଂ ମାମଲା ଅଜଣା ବ୍ୟକ୍ତିଙ୍କ ନାମରେ ରୁଜୁ



ହୋଇଛି। ଶବ ଚୋରି ସମ୍ପର୍କରେ ମାମଲା ରୁଜୁ କିଛି ନୂଆ ନୁହେଁ। ଏଥି ପୂର୍ବରୁ ୨୦୨୩ ଜୁନ୍ ୨୨ ତାରିଖ ରାତିରେ ଅନୁରୂପ ଭାବେ ଗ୍ରାମର ଅକ୍ଷୟ ବେହେରାଙ୍କ ସମେତ ଅନ୍ୟମାନଙ୍କ ଶବ ଚୋରି ଯାଇଥିଲା। ସେହି ଘଟଣାରେ ମୃତ ଅକ୍ଷୟ ବେହେରାଙ୍କ ପୁତ୍ର ତପନ ବେହେରା ଥାନାରେ ଅଭିଯୋଗ କରିଥିଲେ। ତପନଙ୍କ ଅଭିଯୋଗ ଆଧାରରେ ଥାନାରେ ୧୮୮/୨୩ ନଂ ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ଉପଖଣ୍ଡ ପୁଲିସ ଅଧିକାରୀ ବିଜୟକୃଷ୍ଣ ମହାପାତ୍ର ସରଜମିନ ତଦନ୍ତ କରିଥିଲେ। ହେଲେ ମାମଲା ଆଗକୁ ଯାଇପାରି ନ ଥିଲା। ଗ୍ରାମବାସୀଙ୍କ ଜାଣିବାରେ ଏଯାବତ୍ ୨୧ଟି ଶବ ଚୋରି ହୋଇଛି। ଗତ ୧୦ ବର୍ଷ ଧରି ଏଭଳି ଶବ ଚୋରି ପର୍ଯ୍ୟାୟ କ୍ରମେ ଚାଲିଥିବାବେଳେ ଚୋରମାନେ ସୁରକ୍ଷିତ ରହିଛନ୍ତି। ଭବିଷ୍ୟତରେ ପୁନର୍ବାର ଶବ ଚୋରି ହେବା ପୂର୍ବରୁ ପୁଲିସ ଚୋରମାନଙ୍କୁ ଗିରଫ କରୁ ବୋଲି ଗ୍ରାମବାସୀମାନେ ଦାବି କରିଛନ୍ତି।

# ଯୋଜନା ଅଭାବରୁ ବରବାଦ ହେଲା ଲକ୍ଷ ଲକ୍ଷ ଟଙ୍କା

ଦୋବଲ,୧୬।୨(ସମିସ): ଧାମନଗର ମହାବିଦ୍ୟାଳୟ ପରିସରରେ ନିର୍ମାଣାଧୀନ ପ୍ରମୋଦ ଉଦ୍ୟାନର ପାଚେରି ଭାଙ୍ଗି ଦିଆଯିବାକୁ ନେଇ ପ୍ରଶ୍ନ ଉଠିଛି। ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ପାଚେରି ନିର୍ମାଣ ହେବା ପରେ କାମଟି ବନ୍ଦ ହୋଇଯିବା ଏବଂ ବର୍ତ୍ତମାନ କଲେଜର ନବକଳେବର ନାଁରେ ସେହି ପୁରୁଣା ପ୍ରକଳ୍ପର ପାଚେରିକୁ ଭାଙ୍ଗି ଦିଆଯିବାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜନସାଧାରଣଙ୍କ ଟଙ୍କା କିଭଳି ଅଯଥାରେ ପାଣିରେ ପଡୁଛି, ଏହା




ତା'ର ଏକ ଜ୍ୱଳନ୍ତ ଉଦାହରଣ ସାଜିଛି। ୨୦୨୧ ଅକ୍ଟୋବର ୪ରେ ତତ୍କାଳୀନ ଧାମନଗର ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକଙ୍କ ଦ୍ୱାରା ଏହି ପ୍ରମୋଦ ଉଦ୍ୟାନ ପାଇଁ ଶୁଭ ଦିଆଯାଇଥିଲା। ମୁସ୍ତଫାପୁର ପଞ୍ଚାୟତ ଅଧୀନରେ ଥିବା ଏହି ପ୍ରକଳ୍ପ ଆରମ୍ଭରୁ ହିଁ ମନ୍ଥର ଗତିରେ ଚାଲିଥିଲା। ୨୦୨୨ ପଞ୍ଚାୟତ ନିର୍ବାଚନ ପରେ ନୂଆ ସରପଞ୍ଚ ନିର୍ବାଚିତ ହେବା ପରେ କାମରେ ସାମାନ୍ୟ ଗତି ଆସିଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ଏହି ପାର୍କର ଭିତ୍ତିଭୂମି କାର୍ଯ୍ୟ ହେବାର ନିୟମ ରହିଥିଲା। ସେହି ଅନୁସାରେ ମୁସ୍ତଫାପୁର ପଞ୍ଚାୟତ ପକ୍ଷରୁ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ମାଟି ପକାଯିବା ସହ ଚାରିପଟେ ଇଟା ଓ ସିମେଣ୍ଟରେ ପାଚେରି ନିର୍ମାଣ କରାଯାଇଥିଲା। କିନ୍ତୁ ପାଚେରି ନିର୍ମାଣ ପରେ ପ୍ରକଳ୍ପଟି ସେହିଠାରେ ଅଟକି ଯାଇଥିଲା। ପରେ ଏହି ଅଧାଗଢ଼ା ପାର୍କଟି ଅସାମାଜିକ ବ୍ୟକ୍ତି ଓ ମଦୁଆଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଥିଲା। ବର୍ତ୍ତମାନ ଧାମନଗର ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୨୦ କୋଟି ଟଙ୍କା ବ୍ୟୟ କରାଯାଉଛି। ନୂତନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଲେଜ ପରିସରରୁ ପୁରୁଣା ଗଛଗୁଡ଼ିକୁ କାଟି ଦିଆଯିବା ସହ ପୂର୍ବରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପାର୍କ ପାଚେରିକୁ ମଧ୍ୟ ଭାଙ୍ଗି ଦିଆଯାଇଛି। ଏହାକୁ ନେଇ ସାଧାରଣ ଲୋକେ ଏବେ ପ୍ରଶ୍ନ କରୁଛନ୍ତି ଯେ, ଯଦି ପାର୍କଟି ସମ୍ପୂର୍ଣ୍ଣ କରିବାକୁ ଅର୍ଥ ନ ଥିଲା, ତେବେ ପାଚେରି ନିର୍ମାଣ କରି ୧୦ ଲକ୍ଷ ଟଙ୍କା କାହିଁକି ବରବାଦ କରାଗଲା। ବିନା କୌଣସି ଦୂରଦର୍ଶିତା କିମ୍ବା ଯୋଜନାରେ କଲେଜ ପରିସରରେ ଏଭଳି ପ୍ରକଳ୍ପ କାହିଁକି ହାତକୁ ନିଆଯାଇଥିଲା? ସରକାରୀ ଅର୍ଥର ଏଭଳି ଅପବ୍ୟୟ ପାଇଁ ଦାୟୀ କିଏ? ଏହି ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଥିବା ବେଳେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

### ଯୁକ୍ତ ୨ ମାନ୍ୟତାପ୍ରାପ୍ତ କାଦବରାଙ୍ଗ ହାଇସ୍କୁଲ

# ଶ୍ରେଣୀଗୃହ ସମସ୍ୟା ଯୋଗୁଁ ପାଠପଢ଼ାକୁ ନେଇ ପ୍ରଶ୍ନବାଚୀ

ବନ୍ତ/ଆଗରପଡ଼ା,୧୬।୨(ସମିସ):

ଦିନକ ପରେ ଆରମ୍ଭ ହେବ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା। କିନ୍ତୁ ଯୁକ୍ତ ୨ ମାନ୍ୟତାପ୍ରାପ୍ତ ହାଇସ୍କୁଲରେ ପିଲାଙ୍କ ଶୈକ୍ଷିକ ବାତାବରଣରେ କୌଣସି ପରିବର୍ତ୍ତନ ହୋଇପାରିଲା ନାହିଁ କି ଶ୍ରେଣୀଗୃହ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇପାରିଲା ନାହିଁ। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ କାଦବରାଙ୍ଗ ନୋଡାଲ ହାଇସ୍କୁଲରେ। ଗୃହ ସମସ୍ୟା ଯୋଗୁଁ ଯୁକ୍ତ ୨ରେ ପାଠପଢ଼ାକୁ ନେଇ ବିଭିନ୍ନ ପ୍ରଶ୍ନବାଚୀ ଦେଖାଦେଇଛି।

ବନ୍ତ ବ୍ଲକ୍ କାଦବରାଙ୍ଗ ନୋଡାଲ ହାଇସ୍କୁଲ ଯୁକ୍ତ ୨ ମାନ୍ୟତା ପାଇବା ପରେ ସରକାରଙ୍କ ନିର୍ଦ୍ଦେଶାନୁସାରେ, ୨୦୨୪-୨୫ ଶିକ୍ଷା ବର୍ଷରେ ଏହି ବିଦ୍ୟାଳୟରେ ୭୮ ଜଣ ଛାତ୍ରଛାତ୍ରୀ ଯୁକ୍ତ ୨ କଳାରେ ଓଡ଼ିଆ, ଇଂରାଜୀ, ଇତିହାସ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର ଏବଂ ତର୍କ ଶାସ୍ତ୍ର ଆଦି ବିଷୟରେ ଶିକ୍ଷାଲାଭ କରିବାର ସୁଯୋଗ ପାଇଥିଲେ। ଉକ୍ତ ୭୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୩ ଜଣ ଦ୍ୱିତୀୟ ବର୍ଷକୁ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୦୨୫-୨୬ ଶିକ୍ଷା ବର୍ଷରେ ୭୮ ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଥିବା ଜଣାପଡ଼ିଛି। ବର୍ତ୍ତମାନ ପାଖାପାଖି




- ଦିନକ ପରେ ଉଚ୍ଚ ମାଧ୍ୟମିକ ପରୀକ୍ଷା
- ଗୃହ ସମସ୍ୟା ଯୋଗୁଁ ଯୁକ୍ତ ୨ ପାଠପଢ଼ା ନେଇ ପ୍ରଶ୍ନବାଚୀ

ଯୁକ୍ତ ୨ରେ ୧୪୧ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି। ବିଦ୍ୟାଳୟରେ ଶିକ୍ଷାଲାଭ କ୍ଷେତ୍ରରେ ଶ୍ରେଣୀଗୃହ ମୁଖ୍ୟ ସମସ୍ୟା ଥିବାବେଳେ ତାହାର ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇପାରି ନ ଥିବାବେଳେ ଦିନକ ପରେ ୬୩ ଜଣ ଛାତ୍ରଛାତ୍ରୀ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଦେବେ ଏବଂ ଆଉ ଏକ ଶିକ୍ଷା ବର୍ଷ ଆରମ୍ଭ ହେବ। ତେଣୁ ଛାତ୍ରଛାତ୍ରୀ କିପରି ଉତ୍ତମ ଶିକ୍ଷା ଲାଭ କରିବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶ୍ରେଣୀ ଗୃହ ସମସ୍ୟାକୁ ନେଇ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିବା ପରେ ଗତ ବର୍ଷ ଅଗଷ୍ଟ ମାସରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ବ୍ଲକ୍ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଗୃହ ସମସ୍ୟାର ଏକ ସ୍ଥାୟୀ ସମାଧାନ ପାଇଁ ସହମତି ପ୍ରକାଶ ପାଇଥିଲା। କିନ୍ତୁ ଇତି ମଧ୍ୟରେ ୨ବର୍ଷ ବିତିବାକୁ ବସିଥିବାବେଳେ ଏହା କେବଳ କାଗଜ କଲମରେ ସୀମିତ ରହିଯାଇଥିବା ବେଳେ ବ୍ଲକ୍‌ରେ ଘୋଷିତ ହୋଇଥିବା ୨ଟି ବିଦ୍ୟାଳୟ ମଧ୍ୟରୁ ଉକ୍ତ ବିଦ୍ୟାଳୟ ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ(ପିଏମ୍‌ଶ୍ରୀ)ରେ ପରିଚାଳିତ ହେଉଛି।

କାଦବରାଙ୍ଗ ହାଇସ୍କୁଲରେ ୧ମରୁ ୧୦ମ ଶ୍ରେଣୀର ପିଲାଙ୍କୁ ଶିକ୍ଷାଦାନ କରାଯାଉଛି। ବିଭିନ୍ନ ଦୃଷ୍ଟିକୋଣରୁ ୧୯୬୫ ମସିହାରେ ପ୍ରତିଷ୍ଠିତ ଉକ୍ତ ହାଇସ୍କୁଲଟି ବ୍ଲକ୍‌ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଶିକ୍ଷାର ମାନବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି। ମାଟ୍ରିକ୍ ପରୀକ୍ଷାରେ ବ୍ଲକ୍‌ରେ ପ୍ରଥମ ସ୍ଥାନ ମଧ୍ୟ ଉକ୍ତ ହାଇସ୍କୁଲର ଛାତ୍ରଛାତ୍ରୀ ଅକ୍ତିଆର କରିପାରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ସବୁ ଥାଇ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ଶ୍ରେଣୀଗୃହ ମୁଖ୍ୟ ସମସ୍ୟା ପାଲଟିଥିବା ଜଣାପଡ଼ିଛି। ଶ୍ରେଣୀ ଗୃହ ଅଭାବରୁ ୮ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଶତାଧିକ ଛାତ୍ରଛାତ୍ରୀ ଗୋଟିଏ ଶ୍ରେଣୀ ଗୃହରେ ଶିକ୍ଷାଲାଭ କରୁଛନ୍ତି। ସେହିପରି ୯ମ ଓ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ପିଲାଙ୍କ ସଂଖ୍ୟା ଅନୁଯାୟୀ ଶ୍ରେଣୀଗୃହର ଅଭାବ ମଧ୍ୟ ପରିଲକ୍ଷିତ ହୋଇଛି। ଶ୍ରେଣୀଗୃହ ଅଭାବରୁ ବିଭାଗ ବଣ୍ଟନ ମଧ୍ୟ ସୂଚାରୁରୂପେ କରାଯାଇପାରୁ ନ ଥିବା ଜଣାପଡ଼ିଛି। କିନ୍ତୁ ବର୍ତ୍ତମାନ ପିଏମ୍‌ଶ୍ରୀ ଯୋଜନାରେ ଉକ୍ତ ହାଇସ୍କୁଲଟି ଅନ୍ତର୍ଭୁକ୍ତ ହୋଇଥିବାରୁ ଶ୍ରେଣୀଗୃହ ସମସ୍ୟାର ସମାଧାନ ହେବାକୁ ଯାଉଥିବାବେଳେ ଯୁକ୍ତ ୨ ପିଲାଙ୍କ ଶୈକ୍ଷିକ ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇପାରିନାହିଁ। ତେଣୁ ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଆଉ ଏକ ନୂତନ ଶିକ୍ଷାବର୍ଷର ପାଠପଢ଼ା ଆରମ୍ଭ ହେବା ଆଗରୁ ଏଠାରେ ଲାଗି ରହିଥିବା ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଅଭିଭାବକଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଜାଗର ଯାତ୍ରାରେ ଅହୋରାତ୍ର ନାମ ସଂକୀର୍ତ୍ତନ

ବାରିକପୁର,୧୬।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ରାଢୋ ବିଶ୍ୱେଶ୍ୱର ପୀଠରେ ପାଳିତ ହେଉଥିବା ଜାଗର ଯାତ୍ରାରେ ଅହୋରାତ୍ର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି। ଜାଗର ଯାତ୍ରାରେ ଗ୍ରାମବାସୀଙ୍କ ରାତ୍ରୀ ଉଜାଗର ପାଇଁ ଦୀର୍ଘ ବର୍ଷ ହେବ ହରିହରଙ୍କ ମିଳନ ପରମ୍ପରା ଚାଲି ଆସୁଛି। ଚଳିତ ବର୍ଷ ଭାବ ଉଦ୍ଦୀପନାର ସହିତ ପୀଠରେ ଅହୋରାତ୍ର ସଂକୀର୍ତ୍ତନ ଆୟୋଜନ ହୋଇଥିଲା। ନିକଟ ହନୁମାନ ପୋଖରୀରେ ଘଟ ଉତ୍ତୋଳନ ହୋଇସାରିବା ପରେ ସୂର୍ଯ୍ୟାସ୍ତରୁ



ପରଦିନ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଜାଗର ମହାଦୀପ ଦର୍ଶନ ଓ ନାମ ସଂକୀର୍ତ୍ତନରେ ଗ୍ରାମବାସୀଙ୍କ ସମେତ ଶହଶହ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ନଗର ଭ୍ରମଣ ସହିତ ମଣ୍ଡପରେ ଦଧି ହାଣ୍ଡି ଭଙ୍ଗ ପରେ ଉତ୍ସବ ଉଦ୍‌ଯାପିତ ହୋଇଥିଲା। ମନ୍ଦିର ମୁଖ୍ୟ ପୂଜକ ମହେନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ସଂକଳ୍ପ କର୍ତ୍ତା ଭାବେ ଅଜୟ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଅଲେଖ ବିନ୍ଧାଣି, ବିଶ୍ୱନାଥ ନାୟକ, ଯଶୋବନ୍ତ ବିନ୍ଧାଣି, ସନ୍ତୋଷ ଦାସ, ମନୋଜ ନାୟକ, ହେମନ୍ତ ଦାସ, ଗୋଲକ ରାଉତ, ବିଜୟ ନାୟକ, ବିଳାସ ଚନ୍ଦ୍ର ନାୟକ, ରାହାସ ମହାରଣା, ମନୋଜ ସାମଲ, ନିତ୍ୟାନନ୍ଦ ନାୟକ, ନିରଞ୍ଜନ କୁଅଁର, ମାନସ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

